

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ସ୍ମୃତିରେ ଦିନିକିଆ କବାଡି ଟୁର୍ଣ୍ଣାମେଣ୍ଟ

କୁକୁଡାଖଣ୍ଡି,୩୦।୮ :(ମନ୍ଥନ)ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ କୁକୁଡାଖଣ୍ଡି ମିନି ଷ୍ଟାଡିୟମ୍ ପରିସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ସ୍ମୃତିରେ ଦିନିକିଆ କବାଡି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । କୁକୁଡାଖଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଯୁବନେତା ସ୍ୱର୍ଗତ କାମାକ୍ଷା ପ୍ରସାଦ ପାତ୍ର (ବାପି ଭାଇ) ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ବାପି ଭାଇ ଜଣେ ମେଳାପୀ, ପରୋପକାରୀ ଓ ଯୁବବର୍ଗଙ୍କ ପ୍ରିୟ ନେତା ଥିଲେ । ତାଙ୍କ ଅକାଳ ବିୟୋଗ ପରେ ତାଙ୍କୁ ମନେ ପକାଇବା ପାଇଁ ଚଳିତ ବର୍ଷ ମଧ ତାଙ୍କ ଶୁଭେଚ୍ଛୁ ଓ ଯୁବ




ଗୋଷ୍ଠୀ ମିଳିତ ଭାବେ ଏହି କବାଡି ପ୍ରତିଯୋଗିତାର ଆୟୋଜନ କରିଥିଲେ ।ପ୍ରଥମେ ମାଁ ବାଘ୍ରଦେବୀ ମନ୍ଦିରରୁ ମଶାଲ ଯାତ୍ରା ବାହାରି ମିନି ଷ୍ଟାଡିୟମରେ ପହଞ୍ଚିଥିଲା । ମଶାଲ ପ୍ରଜ୍ୱଳନ କରି ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ଯୁବ ସମାଜସେବୀ ପି. ଶିବପ୍ରସାଦ ଦୋରା, ଭିନ୍ନକ୍ଷେମ ନେତା କେ. ମଣି ବାବୁ, ଟୁକୁନା ସେଠୀ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଭବାନୀ ଶଙ୍କର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଅଦଳ ଚେନେୟା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବାପି ଭାଇଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଟୁର୍ଣ୍ଣାମେଣ୍ଟରେ ୧୮ ଟି କବାଡି ଦଳ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଗ ପଟ୍ଟନାୟକ ଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତା ମାନେ ପରିଚାଳନା କରିଥିଲେ ।

# ବିଶ୍ୱ କଲ୍ୟାଣ ଭବନ, ଲାଲଟିକ୍ରାରେ ବ୍ରହ୍ମାକୁମାରୀଜଙ୍କ ପକ୍ଷରୁ ପବିତ୍ର ରକ୍ଷାବନ୍ଧନ ମହୋତ୍ସବ

ବଲାଙ୍ଗିର,୩୦।୮ :(ମନ୍ଥନ)ଭାଇ-ଭଉଣୀର ପବିତ୍ର ସ୍ନେହ, ଶୁଭକାମନା ଓ ଆତ୍ମିକ ସୁରକ୍ଷାର ପ୍ରତୀକ ରକ୍ଷାବନ୍ଧନ ଅବସରରେ ବଲାଙ୍ଗିରର ବିଶ୍ୱ କଲ୍ୟାଣ ଭବନ, ଲାଲଟିକ୍ରା ଠାରେ ବ୍ରହ୍ମାକୁମାରୀଜ୍ ବଲାଙ୍ଗିର ପକ୍ଷରୁ ଏକ ଭବ୍ୟ ଓ ଆଧ୍ୟାତ୍ମିକ ରକ୍ଷାବନ୍ଧନ ସମାରୋହ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମର ଆରମ୍ଭରେ ମାନ୍ୟବର ଅତିଥିମାନଙ୍କୁ ଆତ୍ମିକ ଭାବନାର ସହିତ ସ୍ୱାଗତ କରାଯାଇଥିଲା । ପୁଷ୍ପଗୁଚ୍ଛ ଦ୍ୱାରା ଅତିଥିମାନଙ୍କୁ ସମ୍ମାନପୂର୍ବକ ସ୍ୱାଗତ କରାଯିବା ସହିତ ମନୋମୁଗ୍ଧକର ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା ।କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ତଳି ଭଉଣୀ ବ୍ରହ୍ମାକୁମାରୀଜ୍ ସଂସ୍ଥାର ପରିଚୟ ପ୍ରଦାନ କରିଥିଲେ । ସେ କହିଥିଲେ ଯେ, ମାନବ ଜୀବନରେ ପ୍ରକୃତ ସୁଖ, ଶାନ୍ତି ଓ ପବିତ୍ରତାର ଆଧାର ହେଉଛି ଆତ୍ମିକ ଜ୍ଞାନ ଓ ପରମାତ୍ମ ସ୍ମୃତି । ବ୍ରହ୍ମାକୁମାରୀଜ୍ ?ଙ୍କ ରାଜଯୋଗ ଶିକ୍ଷା ମନୁଷ୍ୟକୁ ନିଜକୁ ଦେହ ନୁହେଁ, ଶାନ୍ତିସ୍ୱରୂପ ଆତ୍ମା ଭାବେ ଅନୁଭବ କରିବାର ଦିଗ ଦେଖାଏ ବୋଲି ସେ ପ୍ରକାଶ କରିଥିଲେ । ସମାରୋହରେ ବଲାଙ୍ଗିର ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବି.କେ. ଜ୍ୟୋତି ଭଉଣୀ "ରକ୍ଷାବନ୍ଧନର ମହତ୍ତ୍ୱ" ଉପରେ ଆଧ୍ୟାତ୍ମିକ ଚିନ୍ତନ ପ୍ରଦାନ



କରିଥିଲେ ।ସେ କହିଥିଲେ, ରକ୍ଷାବନ୍ଧନ କେବଳ ଏକ ସୂତାର ବନ୍ଧନ ନୁହେଁ, ଏହା ଆତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ପବିତ୍ର ସମ୍ପର୍କର ସ୍ମୃତି ଜାଗ୍ରତ କରୁଥିବା ଏକ ଦିବ୍ୟ ସଙ୍କଳ୍ପ । ନିଜ ଜୀବନରେ କାମ, କ୍ରୋଧ, ଲୋଭ, ମୋହ ଓ ଅହଂକାର ଭଳି ବିକାରରୁ ନିଜକୁ ରକ୍ଷା କରିବା ସହିତ ପବିତ୍ରତା, ସତ୍ୟତା ଓ ଶୁଭ ଚିନ୍ତନକୁ ଜୀବନରେ ଧାରଣ କରିବା ହିଁ ରକ୍ଷାବନ୍ଧନର ପ୍ରକୃତ ସନ୍ଦେଶ ବୋଲି ସେ ବ୍ୟାଖ୍ୟା କରିଥିଲେ ।ଏହି ଅବସରରେ ମୁଖ୍ୟ ବକ୍ତା ଶ୍ରୀ ଅଚ୍ୟୁତ ପୁରୋହିତ, ସମ୍ମାନିତ ମୁଖ୍ୟ ଅତିଥି ଶ୍ରୀ କ୍ଷମାନିଧି ଝାଙ୍କର, OAV ପ୍ରଧାନଶିକ୍ଷକ, ପଥରଚେପା, ସମ୍ମାନିତ ଅତିଥି ଶ୍ରୀମତୀ ଜ୍ୟୋତିର୍ମୟୀ ମିଶ୍ର, ଶିକ୍ଷୟିତ୍ରୀ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ରକ୍ଷାବନ୍ଧନର ଆଧ୍ୟାତ୍ମିକ ମହତ୍ତ୍ୱ, ଭାଇଚାରା, ନୈତିକତା, ପବିତ୍ରତା ଓ ମାନବୀୟ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ ।ଜ୍ୟୋତି ଭଉଣୀ ମଧ ନିଜ ବକ୍ତବ୍ୟରେ ରକ୍ଷାବନ୍ଧନକୁ ଏକ "ବିକାରମୁକ୍ତ ଓ ପବିତ୍ର ଜୀବନର ସଙ୍କଳ୍ପ" ଭାବେ ପାଳନ କରିବାକୁ ଆହ୍ୱାନ ଦେଇଥିଲେ ।ଦିବ୍ୟ ରକ୍ଷାସୂତ୍ର ଓ ଈଶ୍ୱରୀୟ ଉପହାରସମାରୋହର ମୁଖ୍ୟ ଆକର୍ଷଣ ଥିଲା ଗଡ୍ ?ଲି ଗିଫ୍ଟ ଓ ରକ୍ଷାବନ୍ଧନ। ବ୍ରହ୍ମାକୁମାରୀ ଭଉଣୀମାନେ ଉପସ୍ଥିତ ଅତିଥି ଓ ଭାଇମାନଙ୍କୁ ରକ୍ଷାସୂତ୍ର ବାନ୍ଧି ପବିତ୍ରତା, ଶାନ୍ତି, ସଦ୍‌ଗୁଣ ଓ ରାଜଯୋଗୀ ଜୀବନର ସଙ୍କଳ୍ପ ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମର ଶେଷରେ ବି.କେ. ଦେବହୁତି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ରକ୍ଷାବନ୍ଧନର ଏହି ପବିତ୍ର ପର୍ବ ମାଧ୍ୟମରେ "ନିଜକୁ ବଦଳାଇବା, ସମାଜକୁ ବଦଳାଇବା ଏବଂ ଶାନ୍ତିମୟ ବିଶ୍ୱ ଗଢ଼ିବା"ର ଦିବ୍ୟ ସନ୍ଦେଶ ପ୍ରସାରିତ ହୋଇଥିଲା ।

# ଗୋବଂଶ ସୁରକ୍ଷା ଓ ସଂରକ୍ଷଣ ଜରୁରୀ

ଖୋର୍ଦ୍ଧା,୩୦।୮ :(ମନ୍ଥନ)ପୁରୁସାହି ଓ ଖୋର୍ଦ୍ଧା ସ୍ଥିତ ଶ୍ରୀରାମକୃଷ୍ଣ ଗୋଶାଳା ରେ ଗୋରୁଗାଈ ଙ୍କ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଶ୍ୱ ହିନ୍ଦୁ ପରିଷଦ ର ଦୃର୍ଗାବାହିନୀ ଓ ମାତୃଶକ୍ତିର କାର୍ଯ୍ୟକର୍ତ୍ତା ମାନେ ଗୋମାତାଙ୍କୁ ଫୁଲ ପୁଷ୍ପ ମାଲ୍ୟାର୍ପଣ ସହ ବନ୍ଦନା, ଆଳତୀ କରିଥିଲେ । ଭାରତୀୟ ଗୋବଂଶ ସୁରକ୍ଷା, ସଂରକ୍ଷଣ ଓ ସମ୍ବର୍ଦ୍ଧନା ବାର୍ତ୍ତା ଦେଇଥିଲେ । ଗୋବଂଶର ସୁରକ୍ଷା, ସଂରକ୍ଷଣ ଓ ସମ୍ବର୍ଦ୍ଧନ ପାଇଁ ସମାଜର ପ୍ରତ୍ୟେକ ବର୍ଗ ଆଗେଇ ଆସିବା ଆବଶ୍ୟକ । ଗୋବଂଶ ଆମ ସାମାଜିକ, ସାଂସ୍କୃତିକ ଓ ପାରମ୍ପରିକ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ । ଗୋରକ୍ଷା ସହ ଅସହାୟ ଓ ପରିତ୍ୟକ୍ତ ଗୋବଂଶର ଯତ୍ନ, ଖାଦ୍ୟ ଓ ଚିକିତ୍ସା ବ୍ୟବସ୍ଥା ପ୍ରତି ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ । ଗୋବଂଶ ସୁରକ୍ଷା ମାଧ୍ୟମରେ ମାନବୀୟତା ଓ ସାମାଜିକ ଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଛି ।ଗୋବଂଶର ସୁରକ୍ଷା ଓ ଯତ୍ନ ପ୍ରତି ସମାଜରେ ସଚେତନତା ବୃଦ୍ଧି ଜରୁରୀ । ଗୋବଂଶ ଆମ କୃଷି ଓ ଗ୍ରାମୀଣ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ପରିତ୍ୟକ୍ତ ଓ ଅସହାୟ ଗୋବଂଶର ଉଦ୍ଧାର, ଖାଦ୍ୟ, ଆଶ୍ରୟ ଓ ଚିକିତ୍ସା ବ୍ୟବସ୍ଥା ସହ ଗୋରକ୍ଷା ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଦରକାର। ଗୋବଂଶ ସୁରକ୍ଷାକୁ ଏକ ସାମାଜିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଛି। ମାତୃଶକ୍ତିର ଜିଲା ସଂଯୋଜିକା ସ୍ମିତା ପଟ୍ଟନାୟକ, ଦୃର୍ଗାବାହିନୀ ସଂଯୋଜିକା ସୁନିତା ସାହୁ, ସାମାଜିକ କର୍ମୀ ସୁଚିସ୍ମିତା ବଡଜେନା, ମାଳତୀ ସାହୁ, ଗାୟତ୍ରୀ ବୋଷଙ୍କ ସମେତ ଏକାଧିକ ମହିଳା ନେତ୍ରୀ ଉପସ୍ଥିତ ଥିଲେ। ବିଏଚପି ଜିଲା କୋଷାଧକ୍ଷ ଅଭିମନ୍ୟୁ ଘଟୁଆଳ, ରଞ୍ଜନ ବରାଳ, ହେମନ୍ତ ଧଳ, ପ୍ରଖଣ୍ଡ ସମ୍ପାଦକ ଜିତେନ୍ଦ୍ର ବେହେରା, ବଦ୍ରି ନାରାୟଣ ସାହୁ, ଗୋଶାଳା ସମ୍ପାଦକ ବିକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପାଳପୁର ସମବାୟ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ଦକ୍ଷତା ବିକାଶ ସମବାୟ ତାଲିମ୍

ଗୋପାଳପୁର,୩୦।୮ :(ମନ୍ଥନ)ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ, ଭୁବନେଶ୍ୱର ଅଧିନସ୍ଥ ସମବାୟ ପରିଚାଳନା ପ୍ରତିଷ୍ଠାନ ଗୋପାଳପୁର ବେଳାଭୂମି ଆନୁକୂଲ୍ୟରେ ହସ୍ତ ତନ୍ତ ବୁଣାକାର ସମବାୟ ସମିତିର ପରିଚାଳନା ପରିଷଦର ସଭ୍ୟ ଓ ସହକାରୀ ବୟନ ଶିଳ୍ପ ଓ ହସ୍ତ ତନ୍ତ ନିର୍ଦ୍ଦେଶାଳୟର କର୍ମଚାରୀ ମାନଙ୍କ ନିମନ୍ତେ ଏକ ଦିବସୀୟ ଦକ୍ଷତା ବିକାଶ ସମବାୟ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ୍ କାର୍ଯ୍ୟକ୍ରମ ରେ କୈଳାସ ଚନ୍ଦ୍ର ରଣା, ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ସମବାୟ ସଂଘ , ଭୁବନେଶ୍ୱର, ହୃଷୀକେଶ ମାହାଳି, ଉପ ନିର୍ଦ୍ଦେଶକ, ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ବ୍ରହ୍ମପୁର, ଅଶୋକ କୁମାର ରାୟ, ପ୍ରଶାସନିକ ଅଧିକାରୀ, ଟାଟା ଷ୍ଟିଲ, ରାମମୋହନ ପାତ୍ର, ଅବସରପ୍ରାପ୍ତ ଉପ ନିବନ୍ଧକ, ସମବାୟ ସମିତି ସମୂହ, ମିସ୍ ଡି. ବିଜୟଲକ୍ଷ୍ମୀ, ଅଧ୍ୟାପକ, ସ୍କିଲ୍ ଡେଭଲପମେଣ୍ଟ, ଉଦୟନାଥ ପ୍ରଧାନ, ଅବସରପ୍ରାପ୍ତ ଉପ ସହକାରୀ ନିରୀକ୍ଷକ, ଡି. କ୍ରିଷ୍ଣାନନ୍ଦ, ଅଧକ୍ଷ, ନାସିର ହୁସେନ, ଉପ ସହକାରୀ ନିବନ୍ଧକ, ବୟନ ଶିଳ୍ପ, ଶ୍ରୀମତୀ ମମତା ସାହୁ, ଅଧ୍ୟାପିକା, ସମବାୟ ପରିଚାଳନା ପ୍ରତିଷ୍ଠାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ରାମ ମୋହନ ପାତ୍ର ସମବାୟ ଆଇନ ଓ ନିୟମ କୁ ପାଥେୟ କରି ସମିତି ର ଆର୍ଥିକ ଓ ସାମାଜିକ ଏବଂ ସାଂସ୍କୃତିକ ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣାର୍ଥୀ ମାନଙ୍କୁ ପ୍ରେରଣା ଦେଇଥିଲେ ଏବଂ ଅଶୋକ କୁମାର ରାୟ, ମିସ୍ ଡି.ବିଜୟଲକ୍ଷ୍ମୀ ସମିତିର ଦକ୍ଷତା ବୃଦ୍ଧି ଓ ନେତୃତ୍ୱ ଉପରେ ତାଲିମ୍ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ୫୦ ଜଣ ପରିଚାଳନା ପରିଷଦର ସଭ୍ୟ ଏବଂ କର୍ମଚାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରି ଥିଲେ । ଏଥି ସହିତ ପ୍ରଶିକ୍ଷଣାର୍ଥୀ ମାନଙ୍କ ତରଫରୁ ଏହି ପ୍ରକାର ତାଲିମ୍ କାର୍ଯ୍ୟକ୍ରମ ସମୟକ୍ରମନୁଯାୟୀ ଆୟୋଜନ କରାଯିବା ନେଇ ସହମତି ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମ କୁ ସମବାୟ ପରିଚାଳନା ପ୍ରତିଷ୍ଠାନ ର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ, ଏହାକୁ ଶ୍ରୀମତି ମମତା ସାହୁ, ଅଧାପିକା ସଂଯୋଜନା କରିଥିଲେ ।




# ବେଗୁନିଆପଡାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋଦଳା,୩୦।୮ :(ମନ୍ଥନ)ବେଗୁନିଆପଡା ବ୍ଲକ ପରିସର ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର ସାମନ୍ତ ଙ୍କ ସଭାପତିତ୍ୱ ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ଏଥିରେ ସମ୍ମାନନୀୟ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଅଧକ୍ଷ୍ୟା ପ୍ରତିନିଧି ଦୁର୍ଯ୍ୟାଧନ ଗୌଡ଼ ଓ ସହାୟକ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ ! ବେଗୁନିଆପଡା ପଞ୍ଚାୟତ ସମିତି ଅଧୀନ ବିଭିନ୍ନ ପ୍ରାନ୍ତ ରୁ ଶତାଧିକ ଭିନ୍ନକ୍ଷମ ଓ ଅଭିଭାବକ ସରକାରଙ୍କ ଏହି ଯୋଜନା ରେ ସାମିଲ ପାଇଁ ଯୋଗଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମ ରେ ଦୁଇଜଣ ଭିନ୍ନକ୍ଷମ ଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିବା ବେଳେ ଦୁଇଜଣଙ୍କୁ ସ୍ୱତନ୍ତ୍ର କୋଟା ରେ ଭତ୍ତା କାର୍ଡ ବଣ୍ଟନ କରାଯାଇଥିଲା ଏବଂ ଏବଂ ସେମାନଙ୍କୁ ମଞ୍ଚାସିନ ଅତିଥି ଗଣ ସେମାନଙ୍କୁ ଭୀମଭୋଇ ଙ୍କ ଜୀବନ ଶୈଳୀ କୁ ନେଇ ବୁଝାଇଥିଲେ ଏବଂ ସେମାନଙ୍କୁ ଉତ୍ସାହିତ କରି ମନୋବଳ ଦୃଢ଼ କରାଇଥିଲେ ବହୁ ଭିନ୍ନକ୍ଷମ ହିତାଧିକାରୀ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ । ଏବିଡିଓ ନିରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକ ପଦାଧିକାରୀ,କର୍ମଚାରୀ ଓ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ ।

# ମନ୍ଦିରମାଳିନୀ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ଐତିହାସିକ ପୀଠର ହେବ ପୁନରୁଦ୍ଧାର

କବିସୂର୍ଯ୍ୟନଗର,୩୦।୮ :(ମନ୍ଥନ)ମନ୍ଦିରମାଳିନୀ କବିସୂର୍ଯ୍ୟନଗର ବିଧାନସଭା କ୍ଷେତ୍ର । ଏହି ଅଞ୍ଚଳରେ ରହିଛି ଅନେକ ପ୍ରାଚୀନ ଐତିହାସିକ ମନ୍ଦିର, ଶକ୍ତିପୀଠ ଓ ଶୈବପୀଠ । ହେଲେ ଦୀର୍ଘ ବର୍ଷ ଧରି ଏହି ପ୍ରାଚୀନ ଧର୍ମୀୟ ପୀଠଗୁଡ଼ିକ ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲା ।ନବନିର୍ବାଚିତ ବିଧାୟକଙ୍କ ସଙ୍କଳ୍ପ ରହିଛି ଅଞ୍ଚଳର ଐତିହାସିକ ମନ୍ଦିର, ଶକ୍ତିପୀଠ ଓ ଶୈବପୀଠଗୁଡ଼ିକର ପୁନରୁଦ୍ଧାର କରିବା ସହ ଏହାର ସର୍ବାଙ୍ଗୀନ ବିକାଶ କରିବା। ଏହି ଲକ୍ଷ୍ୟ ନେଇ ଏବେ ଆରମ୍ଭ ହୋଇଛି ପ୍ରୟାସ ।ନିଜ ଧର୍ମପତ୍ନୀଙ୍କ ସହ ବିଭିନ୍ନ ଶୈବପୀଠ ଓ ଶକ୍ତିପୀଠ ପରିଭ୍ରମଣ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି ବିଧାୟକ। ଏଥିରେ ସାମିଲ ହୋଇଛନ୍ତି ଆର୍କିଟେକ୍ଟ ଏବଂ ରାଜ୍ୟ ସରକାରଙ୍କ ମନ୍ଦିର ବିକାଶ ଓ ନିର୍ମାଣ ସହ ଜଡ଼ିତ ବିଭାଗୀୟ ଅଧିକାରୀମାନେ ।ବେଗୁନିଆପଡ଼ା ବ୍ଲକ ଠାରୁ କବିସୂର୍ଯ୍ୟନଗର ବ୍ଲକ ଓ ଏନଏସି ଅଞ୍ଚଳ ପର୍ଯ୍ୟନ୍ତ ରହିଥିବା ବିଭିନ୍ନ ଦେବାଦେବୀଙ୍କ ପୀଠ ପରିଦର୍ଶନ କରାଯାଇଛି । ମନ୍ଦିରଗୁଡ଼ିକର ବର୍ତ୍ତମାନ ସ୍ଥିତି, ଭିତ୍ତିଭୂମି, ଐତିହାସିକ ଗୁରୁତ୍ୱ ଓ ଭବିଷ୍ୟତ ବିକାଶର ସମ୍ଭାବନା ନେଇ ଆଲୋଚନା ହୋଇଛି ।କେବଳ ମନ୍ଦିରର ପୁନରୁଦ୍ଧାର ନୁହେଁ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ ଉପରେ ମଧ ଦିଆଯାଉଛି ଗୁରୁତ୍ୱ ।ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଏହି ପ୍ରାଚୀନ ଧର୍ମୀୟ ପୀଠଗୁଡ଼ିକୁ ସୁରକ୍ଷିତ କରିବା ସହ ନୂଆ ରୂପ ଦେବା ପାଇଁ ଏହି ପ୍ରୟାସ। ଆଉ ଏହି ପ୍ରୟାସ ସଫଳ ହେଲେ କବିସୂର୍ଯ୍ୟନଗରର ଧାର୍ମିକ ଓ ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ିହେବ ଏକ ନୂଆ ଅଧ୍ୟାୟ ।



# ସାମୁହିକ ରକ୍ଷା ବନ୍ଧନ ଉତ୍ସବରେ ବିଧାୟକଙ୍କୁ ରାଖି ବାନ୍ଧିଲେ ଶତାଧିକ ମହିଳା

କବିସୂର୍ଯ୍ୟନଗର,୩୦।୮ :(ମନ୍ଥନ)ପବିତ୍ର ରକ୍ଷା ବନ୍ଧନରେ ଭାଇ-ଭଉଣୀର ସମ୍ପର୍କ ହେଲା ଆହୁରି ନିଆରା । ଜଣେ ଭାଇଙ୍କ ହାତରେ ନୁହେଁ, ଏକାଥରେ ଶହ ଶହ ମହିଳା ବାନ୍ଧିଲେ ରାକ୍ଷୀ । ବିଧାୟକଙ୍କୁ ଭାଇ ଭାବେ ପାଇ ମହିଳାମାନେ ଦେଲେ ଭଲପାଇବାର ନିଆରା ପ୍ରତୀକ । ଆଉ ମହିଳାଙ୍କ ସବୁ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଲେ ବିଧାୟକ ।ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ମ୍ୟୁନିସିପାଲିଟି ଅନ୍ତର୍ଗତ ବଡ଼ଆଗୁଳ ଗାଁରେ ଆୟୋଜିତ ହୋଇଥିଲା ନିଆରା ସାମୂହିକ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ । ରକ୍ଷା ବନ୍ଧନ ଅବସରରେ ଏକାଠି ହୋଇଥିଲେ ଶହ ଶହ ମହିଳା । ଭାଇ-ଭଉଣୀର ପବିତ୍ର ସମ୍ପର୍କକୁ ଆହୁରି ମଜବୁତ କରିବା ସହ ନିଆରା ଢଙ୍ଗରେ ପାଳିଥିଲେ ରାକ୍ଷୀ ପୂର୍ଣ୍ଣିମା । କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଓ ତାଙ୍କ ପତ୍ନୀ । ବିଧାୟକଙ୍କୁ ନିଜ ଭାଇ ଭାବେ ଗ୍ରହଣ କରି ଗାଁର ଶହ ଶହ ମହିଳା ତାଙ୍କ ହାତରେ ବାନ୍ଧିଥିଲେ ରାକ୍ଷୀ । ରାକ୍ଷୀ ବାନ୍ଧିବା ସହ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ କରିଥିଲେ କାମନା । ମହିଳାଙ୍କ ଏହି ନିଆରା ଭଲପାଇବାରେ ଭାବବିହ୍ୱଳ ହୋଇଥିଲେ ବିଧାୟକ । ରକ୍ଷା ବନ୍ଧନର ଏହି ପବିତ୍ର ରାକ୍ଷୀର ସମ୍ମାନ ରଖିବା ସହ ମହିଳାମାନଙ୍କ ସୁଖଦୁଃଖରେ ସାଥୀ ହେବେ ବୋଲି କହିଥିଲେ । ଏହା ସହ ମହିଳାମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପରେ ଗୁରୁତ୍ୱ ଦେଇ ସମାଧାନ ପାଇଁ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଛନ୍ତି ବିଧାୟକ । ରାଜନୀତିର ସୀମା ଡେଇଁ ରକ୍ଷା ବନ୍ଧନର ଏହି ଭାଇ-ଭଉଣୀ ସମ୍ପର୍କ ଆହୁରି ନିଆରା ହୋଇଥିବା କହିଛନ୍ତି ଉପସ୍ଥିତ ମହିଳାମାନେ । ରକ୍ଷା ବନ୍ଧନ କେବଳ ଗୋଟିଏ ପର୍ବ ନୁହେଁ, ବରଂ ଭାଇ-ଭଉଣୀର ଭଲପାଇବା, ବିଶ୍ୱାସ ଓ ସୁରକ୍ଷାର ପ୍ରତୀକ । ବଡ଼ଆଗୁଳ ଗାଁରେ ଆୟୋଜିତ ଏହି ସାମୂହିକ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ସେହି ସମ୍ପର୍କକୁ ଦେଇଛି ଏକ ନିଆରା ରୂପ ।




# ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଠାରେ ଜାତୀୟ କ୍ରୀଡା ଦିବସ ପାଳିତ

ଗୋପ,୩୦।୮ :(ମନ୍ଥନ) କୋଣାର୍କ ଥାନା ଅଧିନ ସିମିଳି ଗ୍ରାମପଞ୍ଚାୟତର ନୂଆଗାଁ ସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଠାରେ ଜାତୀୟ କ୍ରୀଡା ଦିବସ ଅବସରରେ ଗୋପ ବ୍ଲକ ବିଡିଓ ସୂର୍ଯ୍ୟ ଶଙ୍କର ଦାଶ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢାଇବା ସହିତ ନିଶା ଠାରୁ ଦୂରେଇ ରହିବା ଓ ନିଶାମୁକ୍ତ ଛାତ୍ର ସମାଜ ଗଠନ ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଶପଥପାଠ କରାଇ ଥିବା ଜଣାପଡ଼ିଛି । ଖବରରୁ ପ୍ରକାଶ ଯେ ଆଜି ଥିଲା ଜାତୀୟ କ୍ରୀଡା ଦିବସ। ଗୋପ ବ୍ଲକ ବିଡିଓ ସୂର୍ଯ୍ୟ ଶଙ୍କର ଦାଶ ସିମିଳି ଗ୍ରାମପଞ୍ଚାୟତର ନୂଆଗାଁ ସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଠାରେ ପହଞ୍ଚି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢାଇବା ସହିତ କ୍ରୀଡାର ବିକାଶ ଓ ଛାତ୍ର ଛାତ୍ରୀ ମାନେ ଏଥିରେ ସାମିଲ ହୋଇ ନିଜର ପ୍ରତିଭାର ପରିପ୍ରକାଶ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅନ୍ତେବାସୀ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ମାନଙ୍କ ବିଦ୍ୟାଳୟ ରହଣି ଓ ସେମାନଙ୍କ ସାମୁଦ୍ରିକ ବିକାଶ ଉପରେ ଗୋପ ବିଡ଼ିଓ ଶ୍ରୀ ଦାଶ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପ୍ରାଚୀର ନିର୍ମାଣ, ଖେଳ ପଡିଆ ଉନ୍ନତିକରଣ ଓ କ୍ରୀଡ଼ା ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ବିଡିଓ ସୂର୍ଯ୍ୟ ଶଙ୍କର ଦାଶ ପ୍ରତିଶ୍ରୁତି ଦେଇଥିଲେ। ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଗୋପ ଛକ ଶିକ୍ଷା ଅଧିକାରୀ ଦେବୀଲାଲ ମଲ୍ଲିକ, ସିଆରସିସି ରବୀନ୍ଦ୍ରନାଥ ବାହିନୀପତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି, ଦଶବାଟିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ କ୍ରୀଡ଼ା ଶିକ୍ଷକ ଅଭୟ କୁମାର ମଲ୍ଲ ଓ କୋଣାର୍କ ଆଶ୍ରମ ସ୍କୁଲର ବରିଷ୍ଠ ଶିକ୍ଷକ ଦୀପକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ପରିଚାଳନା କରିଥିଲେ।




# ସୁତନରେ ଦିଗହରା ସ୍ୱଚ୍ଛ ଭାରତ ମିଶନ:- ରାସ୍ତା ଉପରେ କୁଢ କୁଢ ଅଳିଆ

ଗୋପ,୩୦।୮ :(ମନ୍ଥନ)ସ୍ୱଚ୍ଛ ଭାରତ ମିଶନ ପାଇଁ ସରକାରୀ ଠାରୁ ବେସରକାରୀ ସଂଗଠନ ଅଣ୍ଟା ଭିଡ଼ିଥିଲେ ମଧ କିଛି ଜାଗାରେ ତାହା ବ୍ୟତିକ୍ରମ୍ ଦେଖିବାକୁ ମିଳିଛି ।ଖୋଦ ଉପ ମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା କୋଣାର୍କରେ ଗୋଟିଏ ଅଳିଆ ଦେଖିଲା ମାନେ ଦୃଢ଼ କର୍ଯ୍ୟାନୁଷ୍ଠାନ ନେବା ପାଇଁ ତାଗିଦ୍ କରାଇଛନ୍ତି ତାହା ବେଶ୍ ପ୍ରଶଂସା ଯୋଗ୍ୟ କଥା ।ମାତ୍ର କୋଣାର୍କରେ ଖାଲି ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟ କାରୀ ହେଲେ ବ୍ୟବସ୍ଥା ସୁଧରି ବନି ।ସହର ଠାରୁ ଗାଁ ଗଣ୍ଡାରେ ବେଶୀ ଲୋକ ବାସ କରୁଛନ୍ତି ।କୋଣାର୍କ ଠାରୁ ଅନତି ଦୂରରେ ସୁତନ ଗ୍ରାମ ପଞ୍ଚାୟତର ସ୍ୱଚ୍ଛ ଭାରତ ମିଶନ ଅବସ୍ଥା ଗୁରୁତ୍ୱର ।ଅଳିଆ କୁଣ୍ଡ ପାଖକୁ ଅଳିଆ ପାଇଁ ଯାଇ ହେଉନି । କେଉଁ କେଉଁ ଜାଗାରେ ଅଳିଆ କୁଣ୍ଡ ଭାଙ୍ଗି ଗଲାଣି,ପୁଣି କେବେଠୁ କୁଣ୍ଡ ପୂରି ଗଲାଣି ମଧ ।ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କ ଠାରୁ ସ୍ଥାନୀୟ ପ୍ରଶାସନ କାହା ମୁହଁରୁ ସନ୍ତୋଷ ଜନକ ଉତ୍ତର ମିଳି ପାରୁ ନାହିଁ ।ଅଳିଆ କୁଣ୍ଡ ନିର୍ମାଣ ହେବା ଠାରୁ କେବେ ଅଳିଆ ଉଠି ନାହିଁ ।ଯୋଜନା ଯୋଜନା ବାଟରେ ଯୋଉ କଥାକୁ ସେଇ କଥା ।ସେହି ପରି ସୁତନ ଠାରୁ ଅଳ୍ପ ଦୂରରେ ପିଇବା ପାଣି ପାଇଁ ସମୟେ ସମୟେ ମହାଭାରତ ହେଉ ଥିବା ବେଳେ ସୁତନରେ ଚାରିଖୁଣ ମାଫ ।ଜଳ ଯୋଗାଣ ସ୍ୱଚ୍ଛ ପାଣି ପାଇଁ ତଥା ଜଳ ସୁରକ୍ଷା ପାଇଁ ଲକ ମୂଳରୁ ଭାଙ୍ଗି ଯାଇ ପ୍ରଚୁର ଜଳ ନଷ୍ଟ ହେଉଛି ।ପିଇବା ପାଣି ନାଳ ନର୍ଦ୍ଦମା ଦେଇ ବୋହି ଯାଉଛି ।କିନ୍ତୁ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ପୁରୁଣା ପ୍ରୋଜେକ୍ଟ ତା ହେଡରେ ପଇସା ଆସିନି ।କେତେ ନୂଆ ପୁରୁଣା ପ୍ରୋଜେକ୍ଟ ଖେଳ ଚାଲିଥିବା ଫଳତ ଗୋଟିଏ ।ଏଣେ ରାସ୍ତାରେ ଅଳିଆ ଗଦା ହୋଇ ବର୍ଷା ପରେ ଏକ ସଂକ୍ରାମକ ଜୋନ ଆଡ଼କୁ ଟାଣି ନେଉଛି ।ବିଭାଗୀୟ ଅଧିକାରୀ,ସ୍ଥାନୀୟ ପ୍ରଶାସନ ହୃଦୟତା ସହକାରେ ଯୋଜନାକୁ ଠିକ୍ ଭାବେ ଫଳପ୍ରଦ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜିବୀ ମହଲରେ ଆଶାବ୍ୟକ୍ତ କରିଛନ୍ତି ।



# ତ୍ରି ଦିବସୀୟ ଜାତୀୟ କ୍ରୀଡା ଦିବସ -୨୦୨୬ ପାଳନରେ ଆଜି କ୍ରୀଡ଼ା ଜଗତର ହକି ତାରକା ମେଜର ଧ୍ୟାନଚାନ୍ଦଙ୍କୁ ପୁଷ୍ପାର୍ଘ୍ୟ ଶ୍ରଦ୍ଧାଞ୍ଜଳି

ଖୋରଧା,୩୦।୮ :(ମନ୍ଥନ)ବିଶିଷ୍ଟ କ୍ରୀଡ଼ା ନାୟକ, କ୍ରୀଡ଼ା ଜଗତର ଉଜ୍ଜ୍ୱଳ ତାରକା ତଥା ହକି ଜାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପକ୍ଷରୁ ପାଳନ କରାଯାଉଥିବା ଆଜି ଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜାତୀୟ କ୍ରୀଡା ଦିବସ ପାଳନରେ ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଡେପୁଟୀ କଲେକ୍ଟର ଶ୍ରୀ ଆର୍ତ୍ତ ତ୍ରାଣ ମଲ୍ଲିକ, ଡେପୁଟି କଲେକ୍ଟର ସୁଶ୍ରୀ ଅନନ୍ୟା ସୃଷ୍ଟି ଶତପଥୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ମଞ୍ଚାସିନ ଥିଲେ । ସଭାପତି ଭାଷଣରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା କହିଲେ ଯେ ସ୍ୱର୍ଗତ ଧ୍ୟାନଚାନ୍ଦ ସୈନ୍ୟ ବାହିନୀରେ ଚାକିରି କରି ଥିଲେ ମଧ ରାତିରେ ଚନ୍ଦ୍ର ଆଲୋକରେ ନିଜର ହକି କ୍ରୀଡ଼ା ଅଭ୍ୟାସ କରି ଜଣେ ଉଦୀୟମାନ ହକି ଖେଳାଳି ଯାହା ତାଙ୍କୁ ଧ୍ୟାନ ସିଂ ରୁ ଧ୍ୟାନଚାନ୍ଦ ନାମ ପରିବର୍ତ୍ତନ ଓ ହକି ଯାଦୁଗର ରେ ସମ୍ମାନିତ କରିଥିଲା । ଆଜି ଭାରତର ଜାତୀୟ କ୍ରୀଡା ହକି ଥିବା ବେଳେ ସମସ୍ତେ ଧ୍ୟାନଚାନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ନିଜ ଶରୀର ସୁସ୍ଥ ଓ ନିରାମୟ ରଖିବା ପାଇଁ କ୍ରୀଡ଼ା ଅଭ୍ୟାସ କରି ଅନ୍ୟକୁ ପ୍ରେରଣା ଦେବାକୁ ଶ୍ରୀ ବେଉରା ଆହ୍ୱାନ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସଫଳ କ୍ରୀଡ଼ା ବିତ୍ ବ୍ୟକ୍ତିତ୍ୱର ଆଲୋକ ପାତ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଦିବସ ପାଳନ ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡେପୁଟି କଲେକ୍ଟର ଆର୍ତ୍ତ ତ୍ରାଣ ମଲ୍ଲିକ କ୍ରୀଡ଼ା ମୂଲ୍ୟବୋଧର ଶପଥ ପାଠ କରାଇଥିଲେ ଏବଂ ଡେପୁଟି କଲେକ୍ଟର ସୁଶ୍ରୀ ଅନନ୍ୟା ସୃଷ୍ଟି ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ୍, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଇପ୍ସିତା ସାହୁ, ନିଜାରତ ଅଧିକାରୀ ରିଶବ ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ,ଡି ଇ ଜି ଏମ ମାନସ କୁମାର ବ୍ରହ୍ମା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଭରଣପୋଷଣ

ଅଦାଲତ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, କିନ୍ତୁ ସ୍ୱାମୀ ଟଙ୍କା ଦେଉନାହାନ୍ତି; ମାସ ପରେ ମାସ ଜଣେ ମହିଳା ଅପେକ୍ଷା କରୁଛନ୍ତି, ପିଲାର ପଢ଼ାଖର୍ଚ୍ଚ ପାଇଁ ମାଆ ଚିନ୍ତାରେ ରାତି କାଟୁଛନ୍ତି, ଘରଭଡ଼ା, ଔଷଧ, ଖାଦ୍ୟ ଓ ଶିକ୍ଷା ଭଳି ମୌଳିକ ଆବଶ୍ୟକତା ପାଇଁ ଜଣେ ପରିବାର ଅନ୍ୟର ଦୟା ଉପରେ ନିର୍ଭର କରୁଛି—ଏହା କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ଏହା ନ୍ୟାୟ ବ୍ୟବସ୍ଥାର ଆଦେଶ ଓ ତାହାର ବାସ୍ତବ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ଏକ ଗଭୀର ଫାଟକୁ ପ୍ରକାଶ କରେ । ଏହି ପରିପ୍ରେକ୍ଷିତରେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଆଯାଇଥିବା କଡ଼ା ଆଭିମୁଖ୍ୟ ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁସାରେ, ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଭରଣପୋଷଣ ଦେଉନଥିବା ସରକାରୀ କର୍ମଚାରୀଙ୍କ ଦରମାରୁ ନିର୍ଦ୍ଧାରିତ ଅର୍ଥ କାଟି ପତ୍ନୀ କିମ୍ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରିବାର ବ୍ୟବସ୍ଥା ଏକ ସ୍ପଷ୍ଟ ସନ୍ଦେଶ ଦେଉଛି—ସରକାରୀ ଚାକିରି କେବଳ ଦରମା ପାଇବାର ଅଧିକାର ନୁହେଁ, ଏହା ସାମାଜିକ ଦାୟିତ୍ୱ ଓ ଆଇନ ପ୍ରତି ସମ୍ମାନର ମଧ୍ୟ ଏକ ପରିଚୟ । ଜଣେ ସରକାରୀ କର୍ମଚାରୀ ଯେତେବେଳେ ନିଜ ପରିବାରର ଭରଣପୋଷଣ ସମ୍ପର୍କରେ ଅଦାଲତଙ୍କ ଆଦେଶକୁ ଅଣଦେଖା କରନ୍ତି, ସେତେବେଳେ ପ୍ରଶ୍ନ କେବଳ ସ୍ୱାମୀ-ସ୍ତ୍ରୀଙ୍କ ବିବାଦରେ ସୀମିତ ରହେ ନାହିଁ; ପ୍ରଶ୍ନ ଉଠେ ଆଇନ ପ୍ରତି ସମ୍ମାନ, ପିତାମାତାଙ୍କ ଦାୟିତ୍ୱ ଓ ମାନବିକତାର ମୂଲ୍ୟବୋଧ ଉପରେ । ଏଠାରେ ଗୋଟିଏ କଥା ସ୍ପଷ୍ଟ ହେବା ଆବଶ୍ୟକ—ପ୍ରତ୍ୟେକ ଦାମ୍ପତ୍ୟ ବିବାଦକୁ ଏକପକ୍ଷୀୟ ଭାବେ ଦେଖିବା ଉଚିତ ନୁହେଁ । ଅଦାଲତ ଯେଉଁ ମାମଲାରେ ଭରଣପୋଷଣର ରାଶି ନିର୍ଦ୍ଧାରଣ କରିଛନ୍ତି, ସେହି ଆଦେଶ ଆଇନ ଅନୁଯାୟୀ ହେବା ପରେ ତାହାର ପାଳନ ନିଶ୍ଚିତ କରିବା ହେଉଛି ଏହି ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ । କାରଣ ନ୍ୟାୟ ଯଦି କାଗଜରେ ରହିଯାଏ ଏବଂ ତାହାର ଫଳ ଜଣେ ଅସହାୟ ମହିଳା କିମ୍ବା ଶିଶୁର ଜୀବନକୁ ଛୁଇଁ ନପାରେ, ତେବେ ସେହି ନ୍ୟାୟର ଅର୍ଥ ଅଧୂରା ରହିଯାଏ । ଅଦାଲତର ଆଦେଶ ହେଉଛି ନ୍ୟାୟର ନିଷ୍ପତ୍ତି, କିନ୍ତୁ ତାହାର ସମୟୋଚିତ ପାଳନ ହେଉଛି ନ୍ୟାୟର ପ୍ରକୃତ ପରୀକ୍ଷା । ଆମ ସମାଜରେ ଅନେକ ମହିଳା ବିବାହ ପରେ ଆର୍ଥିକ ଭାବେ ସ୍ୱାମୀଙ୍କ ଉପରେ ନିର୍ଭର କରିଥାନ୍ତି । ଦାମ୍ପତ୍ୟ ସମ୍ପର୍କ ଭାଙ୍ଗିଗଲେ କିମ୍ବା ବିଚ୍ଛିନ୍ନ ଜୀବନ ଆରମ୍ଭ ହେଲେ ସେମାନଙ୍କ ସମ୍ମୁଖରେ ଥିବା ପ୍ରଥମ ପ୍ରଶ୍ନ ହେଉଛି—ଆସନ୍ତାକାଲି ଘର ଚାଲିବ କିପରି ? ତା'ପରେ ଥାଏ ପିଲାର ଶିକ୍ଷା, ଚିକିତ୍ସା, ଖାଦ୍ୟ ଓ ସୁରକ୍ଷାର ପ୍ରଶ୍ନ । ଏଭଳି ସମୟରେ ଅଦାଲତ ନିର୍ଦ୍ଧାରିତ ଭରଣପୋଷଣ ରାଶି ତାଙ୍କ ପାଇଁ କେବଳ ଟଙ୍କା ନୁହେଁ; ଏହା ଜୀବନକୁ ଆଗକୁ ନେବାର ଏକ ଆବଶ୍ୟକ ଆଧାର । ସେହି ଅର୍ଥ ପାଇବାରେ ବିଳମ୍ବ ହେଲେ ତାହାର ପ୍ରଭାବ ଘରର ଚୁଲିରୁ ଆରମ୍ଭ କରି ପିଲାର ପାଠପଢ଼ା ପର୍ଯ୍ୟନ୍ତ ପହଞ୍ଚିଥାଏ । ତେଣୁ ସରକାରଙ୍କ ଏହି ପଦକ୍ଷେପକୁ କେବଳ ପ୍ରଶାସନିକ ନିର୍ଦ୍ଦେଶ ଭାବେ ଦେଖିଲେ ଚାଲିବ ନାହିଁ; ଏହାକୁ ନ୍ୟାୟକୁ ଜୀବନ ସହ ଯୋଡ଼ିବାର ଏକ ପ୍ରୟାସ ଭାବେ ଦେଖିବା ଦରକାର । ତଥାପି ଏଠାରେ ଆଉ ଗୋଟିଏ ବଡ଼ ଦାୟିତ୍ୱ ରହିଛି । ଏହି ବ୍ୟବସ୍ଥା ଯେପରି ସଠିକ୍ ଭାବେ କାର୍ଯ୍ୟକାରୀ ହୁଏ, ସେଥିପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ସଚେତନ ଓ ଦାୟିତ୍ୱଶୀଳ ହେବାକୁ ପଡ଼ିବ । ଅଦାଲତଙ୍କ ନିର୍ଦ୍ଦେଶ ମିଳିବା ପରେ ଦରମାରୁ ନିର୍ଦ୍ଧାରିତ ରାଶି କାଟିବା, ସେହି ଅର୍ଥ ଠିକ୍ ବ୍ୟକ୍ତିଙ୍କ ଖାତାକୁ ସମୟରେ ପହଞ୍ଚାଇବା ଏବଂ ସମଗ୍ର ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବା ଅତ୍ୟନ୍ତ ଜରୁରୀ । ପ୍ରଶାସନିକ ଅବହେଳା ଯଦି ପୁଣି ଏହି ଅସହାୟ ପରିବାରମାନଙ୍କୁ ଅପେକ୍ଷା କରାଏ, ତେବେ ଏହି ସୁନ୍ଦର ଉଦ୍ଦେଶ୍ୟ ମଧ୍ୟ ଦୁର୍ବଳ ହୋଇଯିବ । ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ ସରକାରୀ କର୍ମଚାରୀଙ୍କ ସମନ୍ୱିତ ସେବା ବ୍ୟବସ୍ଥା ସହ ଯୋଡ଼ିବାର ନିର୍ଦ୍ଦେଶ ମଧ୍ୟ ଏହି କାରଣରୁ ଗୁରୁତ୍ୱପୂର୍ଣ୍ଣ । ବ୍ୟବସ୍ଥା ଯେତେ ସ୍ୱୟଂଚାଳିତ ଓ ସୁସଂଗଠିତ ହେବ, ମାନବୀୟ ଅବହେଳାର ସମ୍ଭାବନା ସେତେ କମିବ । କିନ୍ତୁ ଆମେ ଏହି ପ୍ରଶ୍ନକୁ କେବଳ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ । ସମାଜର ପ୍ରତ୍ୟେକ ପୁରୁଷଙ୍କୁ ବୁଝିବାକୁ ହେବ ଯେ ବିବାହ କୌଣସି ଚୁକ୍ତିର ଶେଷ ନୁହେଁ, ଏହା ଦାୟିତ୍ୱର ଆରମ୍ଭ । ସମ୍ପର୍କ ଭାଙ୍ଗିପାରେ, ଦାମ୍ପତ୍ୟ ଜୀବନ ଅଲଗା ହୋଇପାରେ, କିନ୍ତୁ ସନ୍ତାନ ପ୍ରତି ପିତାଙ୍କ ଦାୟିତ୍ୱ ଶେଷ ହୋଇଯାଏ ନାହିଁ । ସେହିପରି ପତ୍ନୀଙ୍କ ପ୍ରତି ଆଇନ ନିର୍ଦ୍ଧାରିତ ଦାୟିତ୍ୱକୁ ଅବହେଳା କରିବା ମଧ୍ୟ ସଭ୍ୟ ସମାଜର ଲକ୍ଷଣ ନୁହେଁ । ଆମେ ଏମିତି ଏକ ସମାଜ ଚାହୁଁ, ଯେଉଁଠାରେ ଜଣେ ମହିଳା ନିଜ ଅଧିକାର ପାଇଁ ବର୍ଷ ବର୍ଷ ଦୁଆର ଦୁଆର ଘୁରିବେ ନାହିଁ, ଜଣେ ଶିଶୁ ନିଜ ପିତାଙ୍କ ଦାୟିତ୍ୱ ପାଇଁ ଅଦାଲତର ଦୁଆରକୁ ଚାହିଁ ରହିବ ନାହିଁ ଏବଂ ନ୍ୟାୟ ପାଇବା ପାଇଁ ଜଣେ ମାଆଙ୍କୁ ନିଜ ସମ୍ମାନକୁ ବାରମ୍ବାର ପରୀକ୍ଷା ଦେବାକୁ ପଡ଼ିବ ନାହିଁ । ଏହି ଦୃଷ୍ଟିରୁ ଓଡ଼ିଶା ସରକାରଙ୍କ ନୂଆ ପଦକ୍ଷେପ ଏକ ଦୃଢ଼ ପ୍ରଶାସନିକ ସନ୍ଦେଶ ବହନ କରୁଛି—ଆଇନର ଆଦେଶକୁ ଅଣଦେଖା କରିବାର ଅଭ୍ୟାସ ଆଉ ଚାଲିବ ନାହିଁ । ତେବେ ଏହା ସହିତ ଆମ ସମାଜର ମନୋଭାବ ବଦଳିବା ମଧ୍ୟ ଆବଶ୍ୟକ । ଝିଅକୁ ବିବାହ ଦେବା ସମୟରେ ଯେପରି ଅଭିଭାବକମାନେ ପରିବାରର ଆର୍ଥିକ ସ୍ଥିତି ଓ ସାମାଜିକ ପ୍ରତିଷ୍ଠା ଦେଖନ୍ତି, ସେହିପରି ପୁଅର ଚରିତ୍ର, ଦାୟିତ୍ୱବୋଧ ଓ ମାନବିକତାକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଦରକାର । ଉଚ୍ଚ ଚାକିରି, ବଡ଼ ଦରମା କିମ୍ବା ସାମାଜିକ ପ୍ରତିଷ୍ଠା ଜଣେ ମଣିଷକୁ ଭଲ ସ୍ୱାମୀ କିମ୍ବା ଭଲ ପିତା କରେ ନାହିଁ; ଦାୟିତ୍ୱବୋଧ ହିଁ ମଣିଷର ପ୍ରକୃତ ପରିଚୟ । ଆଜି ଯଦି ଜଣେ ସରକାରୀ କର୍ମଚାରୀଙ୍କ ଦରମାରୁ ଆଇନ ଅନୁଯାୟୀ ଅର୍ଥ କାଟି ଅଧିକାରୀ ପତ୍ନୀ କିମ୍ବା ସନ୍ତାନଙ୍କ ଖାତାକୁ ପଠାଇବାର ଆବଶ୍ୟକତା ପଡୁଛି, ତେବେ ଏହା ଆମ ସମାଜ ପାଇଁ ମଧ୍ୟ ଏକ ଆତ୍ମସମୀକ୍ଷାର ମୁହୂର୍ତ୍ତ । ଆଇନ ଭୟରୁ ଦାୟିତ୍ୱ ପାଳନ କରିବା ନୁହେଁ, ମାନବିକତାରୁ ଦାୟିତ୍ୱ ପାଳନ କରିବା ହିଁ ଆମର ଲକ୍ଷ୍ୟ ହେବା ଉଚିତ । ସରକାରଙ୍କ ପଦକ୍ଷେପ ଯଦି ଜଣେ ମହିଳାଙ୍କ ଆଖିରୁ ଲୁହ ଶୁଖାଇପାରେ, ଜଣେ ଶିଶୁର ପାଠପଢ଼ା ବଞ୍ଚାଇପାରେ ଏବଂ ଜଣେ ଅସହାୟ ପରିବାରକୁ ସମ୍ମାନର ସହ ଜୀବନ ବଞ୍ଚିବାର ଅବସର ଦେଇପାରେ, ତେବେ ଏହି ବ୍ୟବସ୍ଥାର ସଫଳତା ସେଠି ହିଁ । ନ୍ୟାୟର ଅର୍ଥ କେବଳ ଦୋଷୀକୁ ଦଣ୍ଡ ଦେବା ନୁହେଁ; ଯିଏ ଅଧିକାର ପାଇବାକୁ ଯୋଗ୍ୟ, ତାଙ୍କ ପାଖରେ ସେହି ଅଧିକାରକୁ ସମୟରେ ପହଞ୍ଚାଇବା ମଧ୍ୟ ନ୍ୟାୟ । ଆଜି ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ଏକ ବଡ଼ ବାର୍ତ୍ତା ଦେଉଛି—ପଦବୀ ବଡ଼ ହୋଇପାରେ, ଦରମା ବଡ଼ ହୋଇପାରେ, କିନ୍ତୁ ଆଇନଠାରୁ କେହି ବଡ଼ ନୁହେଁ । ଏବଂ ଯେଉଁଠାରେ ଜଣେ ମହିଳା କିମ୍ବା ଶିଶୁର ଅଧିକାର ପ୍ରଶ୍ନରେ ଆସେ, ସେଠାରେ ପ୍ରଶାସନର ନିରପେକ୍ଷତା ସହିତ ମାନବିକ ସମ୍ବେଦନା ମଧ୍ୟ ସମାନ ଭାବେ ଆବଶ୍ୟକ । ଆମର ଆଶା, ଏହି ନିର୍ଦ୍ଦେଶ କାଗଜରେ ସୀମିତ ରହିବ ନାହିଁ; ପ୍ରତ୍ୟେକ ଯୋଗ୍ୟ ମହିଳା ଓ ସନ୍ତାନଙ୍କ ଜୀବନରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପହଞ୍ଚିବ । କାରଣ ଶେଷ ପର୍ଯ୍ୟନ୍ତ ସରକାରର ସଫଳତା ନିର୍ଦ୍ଦେଶର ସଂଖ୍ୟାରେ ନୁହେଁ, ଜଣେ ଅସହାୟ ମଣିଷର ମୁହଁରେ ଫେରିଥିବା ନିରାପତ୍ତାର ହସରେ ମାପାଯିବ । ନ୍ୟାୟ ଯେତେବେଳେ ଅଦାଲତରୁ ବାହାରି ଘରର ଦୁଆରରେ ପହଞ୍ଚ ?, ସେତେବେଳେ ହିଁ ଲୋକତନ୍ତ୍ରର ମର୍ଯ୍ୟାଦା ସାର୍ଥକ ହୁଏ ।

# ସିଜେପି ଆନ୍ଦୋଳନରୁ ଶିକ୍ଷା

### ଯୁଧିଷ୍ଠିର ମହାରଣା

ଆଜିର ଭାରତ ବର୍ଷରେ ଶିକ୍ଷା ପଦ୍ଧତି, ଶିକ୍ଷା ନୀତି ପରୀକ୍ଷା ବ୍ୟବସ୍ଥା ସମ୍ପର୍କରେ ମୁଁ କହିବି ଧାରଣା ଆଦୌ ଭଲ ନାହିଁ । ଅନେକ ପିଲାଙ୍କର ଜୀବନର ବଡ଼ ସ୍ୱପ୍ନ ହେଉଛି ଡାକ୍ତରୀ ହେବା । ମୋ ପୁଅ ବି ଜଣେ ଡାକ୍ତର, ପାଠପଢ଼ା ଭିତରେ କେତେ ଆହ୍ୱାନ, ଆର୍ଥିକ ଚାପ, ପରୀକ୍ଷାର ଅବ୍ୟବସ୍ଥା ମୁଁ ମର୍ମେ ମର୍ମେ ଅନୁଭବ କରିଛି ।

ନିଟ ପ୍ରଶ୍ନ ପତ୍ର ଲିକ ମାମଲା ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିଥିଲା ମୋଦୀ ସରକାରଙ୍କ ପାଇଁ । କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନର ଅନେକ କୁତ୍ସିତ ଦିଗ ଅଛି । ଏହାକୁ କେହି କେହି ଅଭିଯୋଗ କରୁଛନ୍ତି କିନ୍ତୁ ପ୍ରସଙ୍ଗ ଅନ୍ୟଆଡ଼େ ଟିକିଏ ଦେଖନ୍ତୁ । ଯେଉଁ ପ୍ରସଙ୍ଗକୁ ସେମାନେ ରାଜନୈତିକ ଅସ୍ଥିରତା ସୃଷ୍ଟିର ମାଧ୍ୟମ ଭାବେ ଗ୍ରହଣ କରିଥିଲେ, ତାହା ଅନେକଙ୍କୁ ଆକୃଷ୍ଟ କରିଥିଲା । ସବୁ ଆନ୍ଦୋଳନରେ କିଛି ନେତା ତିଆରି ହୁଅନ୍ତି । ଆନ୍ଦୋଳନକୁ ଫାଇଦା ନେବା ପାଇଁ କିଛି ଦଳ ଉଦ୍ୟମ କରନ୍ତି । କ୍ଷମତା ପରିବର୍ତ୍ତନ ପାଇଁ ନେପାଳ ପଦ୍ଧତି ଅବଲମ୍ବନ ପାଇଁ କିଛି ଅସାମାଜିକ ତତ୍ତ୍ୱ ଅଧିକ ତତ୍ପର ହୋଇପଡ଼ନ୍ତି । ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତିଠାରୁ ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧି ଆନ୍ଦୋଳନରେ ଅପରାଧୀମାନଙ୍କର ପ୍ରାୟତଃ କୌଣସି ଭୂମିକା ଦେଖିବାକୁ ମିଳି ନଥିଲା । କିନ୍ତୁ ସିଜେପି ଆନ୍ଦୋଳନରେ ସାମାଜିକ ଗଣମାଧ୍ୟମର ବ୍ୟାପକ ଦୂରୁପଯୋଗ ହେଲା । ବ୍ୟକ୍ତିଗତ ଏଜେଣ୍ଡାକୁ ଆନ୍ଦୋଳନ ଜରିଆରେ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ଗୋଷ୍ଠୀ ଆଗଭର ହୋଇପଡ଼ିଲେ । ପ୍ରଧାନମନ୍ତ୍ରୀଙ୍କ ପ୍ରତି ଯେଭଳି ଅଶାଳୀନ, ଅଭଦ୍ର ଟିକାଟିପ୍ପଣୀ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଲା, ତାହା ଆଗାମୀ ଦିନ ପାଇଁ ସବୁ ରାଜନୈତିକ ଦଳ ସକାଶେ ବଡ଼ ଅଶୁଭ ସଙ୍କେତ । କିଛି ମହଲ ଯୁକ୍ତି କଲେ ଯେ ଆଗଧାଡ଼ିର ଗଣମାଧ୍ୟମ ବିଫଳ ହେବା କାରଣରୁ ସାମାଜିକ ଗଣମାଧ୍ୟମକୁ ଅସ୍ତ୍ର କଲେ ଆନ୍ଦୋଳନକାରୀମାନେ । କିନ୍ତୁ ବ୍ୟକ୍ତିଗତ ଆକ୍ଷେପ ଏବଂ ଅତ୍ୟନ୍ତ ଅଶାଳୀନ ମନ୍ତବ୍ୟ ପାଇଁ ସାମାଜିକ ଗଣମାଧ୍ୟମ ନୁହେଁ ସାଧାରଣତଃ ହ୍ୱାଟସଆପ, ଟୁଇଟର ଏବଂ ଇନଷ୍ଟାଗ୍ରାମ ଏହାକୁ ପ୍ରୋତ୍ସାହିତ କରନ୍ତି ନାହିଁ । ମାତ୍ର ସିଜେପି ଆନ୍ଦୋଳନବେଳେ ଏହିସବୁ ପ୍ଲାଟଫର୍ମ ଗୁଡ଼ିକ ଏହାକୁ ଉତ୍ସାହିତ କରୁଥିବା ସାମ୍ନାକୁ ଆସିଲା । ସୁତରାଂ କ୍ଷମତା ପରିବର୍ତ୍ତନ ପାଇଁ ବିଦେଶୀ ଷଡ଼ଯନ୍ତ୍ରର ଗନ୍ଧ ବାରି ହୋଇ ପଡୁଛି ।




ଏହାସତ୍ତ୍ୱେ ଆନ୍ଦୋଳନର ଏକ ଭଲ ଦିଗ ମଧ୍ୟ ଉପଲବ୍ଧି କରି ହେଉଛି । ଏହା ହୋଇ ନଥିଲେ ୨୦୨୪ରେ ସୁପ୍ରିମକୋର୍ଟଙ୍କ ରାୟ କାର୍ଯ୍ୟକାରୀ କରି ନଥିବା ସରକାର ସିଜେପି ଆନ୍ଦୋଳନ ଯୋଗୁଁ ପରୀକ୍ଷା ସଂସ୍କାର ନିମନ୍ତେ ବାଧ୍ୟ ହେଲେ । ପ୍ରଥମ ଥର ପାଇଁ ଚାପରେ ଜଣେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହଟାଇ ଦିଆଗଲା । ପୂର୍ବରୁ କୃଷକ ଆନ୍ଦୋଳନ ସମୟରେ ମଧ୍ୟ କେନ୍ଦ୍ର ସରକାର ଏକ ପ୍ରକାର ବ୍ୟାକଷ୍ଟେପକୁ ଆସିଥିଲେ । ସେହିପରି କିଛିଦିନ ତଳେ ବିହାରରେ ମଧ୍ୟ ଏହି ସିଜେପି ଅନୁଷ୍ଠାନ ତାଙ୍କ ପ୍ରଭାବ ଓ ପ୍ରତିବାଦ ଦେଖାଇଥିଲେ । ମୋଦିଜୀଙ୍କ ସରକାର ଅବଶ୍ୟ ଏହି ଆନ୍ଦୋଳନରୁ ଅନେକ କିଛି ଶିକ୍ଷା ଲାଭ କରିଥିବେ । ସାମାଜିକ ଗଣମାଧ୍ୟମ ରାଷ୍ଟ୍ରୀୟ ଅସ୍ଥିରତା ସୃଷ୍ଟିର ମାଧ୍ୟମ ଯେଭଳି ହୋଇ ନପାରିବ, ସେଥିପାଇଁ ଆଇନ ଆସିବାର ପଥ ପ୍ରଶସ୍ତ ହୋଇଛି । କିନ୍ତୁ ଓଡ଼ିଶା ପାଇଁ ଆମେ ଯେତେବେଳେ ନିଟ ପରୀକ୍ଷା କେଳେଙ୍କାରୀ ତର୍ଜମା କରୁଛୁ, ଆମକୁ ବିବଶ ହେବାକୁ ପଡୁଛି । ଦେଶବ୍ୟାପୀ ଆଲୋଡ଼ନ ପରେ ଯଦି ଓଡ଼ିଶାରେ ମେଡ଼ିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୁଏ, ତେବେ ଏହାକୁ ଗମ୍ଭୀରତାର ସହ କାହିଁକି ଗ୍ରହଣ କରିବେ ନାହିଁ ସରକାର ? ଦିଲ୍ଲୀ ଆନ୍ଦୋଳନ ପରେ ଓଡ଼ିଶାରେ ମେଡ଼ିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ ହେବ, ଏହା ଭାବି ହେଉଛି କି ? କିନ୍ତୁ ପାପକୁ ଘୋଡ଼ାଇବା ପାଇଁ କର୍ତ୍ତୃପକ୍ଷ ଯେଭଳି ଲିକକୁ କପିର ରୂପ ଦେବା ପାଇଁ ଚେଷ୍ଟା କରୁଛନ୍ତି, ତାହା ଅତ୍ୟନ୍ତ ଲଜ୍ଜାଜନକ । ଓଡ଼ିଶାରେ ପ୍ରଶ୍ନପତ୍ର ଲିକ ଏକ ନୀତିରେ ପରିଣତ ହୋଇସାରିଛି । ପ୍ରଧାନମନ୍ତ୍ରୀ ଏହାକୁ ମହାପାପ ବୋଲି କହିବା ସହ ଏହାର ମୂଳୋତ୍ପାଟନ ଲାଗି ଆହ୍ୱାନ ଜଣାଇଛନ୍ତି । କିନ୍ତୁ ଏ ଦିଗରେ ଓଡ଼ିଶାରେ ମୋହନ ଚରଣ ମାଝୀଙ୍କ ସରକାର ଠୋସ ପଦକ୍ଷେପ ଗ୍ରହଣ କରିବେ କି ନାହିଁ, ସୂଚନା ମିଳୁନାହିଁ ।

କେନ୍ଦ୍ର ଢ଼ାଞ୍ଚାରେ ଓଡ଼ିଶାରେ ଯଦି ପ୍ରଶ୍ନପତ୍ର ଲିକ ନିରାକାରଣ ନିମନ୍ତେ କଠୋର ଆଇନର ବ୍ୟବସ୍ଥା ନହୁଏ, ତେବେ ଆଗକୁ ଏଡି ରାଜ୍ୟରେ ମଧ୍ୟ ଜେନ୍ ଜୀ ଆନ୍ଦୋଳନ ଲାଗି ବାତାବରଣ ତିଆରି ହୋଇଯିବ । ଗୋଟିଏ ପଟେ ଲକ୍ଷାଧିକ ଟଙ୍କାର ଶିକ୍ଷା ଲୋନ ସହିତ ଅନ୍ୟାନ୍ୟ ଆର୍ଥିକ ସହାୟତା ନେଇ ପିଲାମାନଙ୍କ ଡାକ୍ତରୀ ସ୍ୱପ୍ନ ପାଇଁ ଅନେକ ପିତାମାତା ଯେଉଁ ମାନସିକ ସନ୍ତାପ ଭିତରେ ଥାଆନ୍ତି ଅନ୍ୟ ପଟେ ପିଲାଟି ଦେଖୁଛି ତାର ବର୍ଷ ବର୍ଷର ପରିଶ୍ରମ ଅକାରଣରେ ପାଣିରେ ପଡ଼ି ଯାଉଛି । ଅନେକ କ୍ଷେତ୍ରରେ ଦେଶର ଉଜ୍ଜ୍ୱଳତମ ଭବିଷ୍ୟତ କୁହାଯାଉଥିବା ଆମରି ପିଲାମାନେ ବିଚଳିତ ହୋଇଯାଉଛନ୍ତି । ମାଆବାପା ପରିବାର, ବନ୍ଧୁବର୍ଗ ସମସ୍ତଙ୍କୁ ଭୁଲି ଜୀବନ ହାରି ଦେଉଛନ୍ତି । ଅନେକ ମାଆ ମାନଙ୍କ କୋଳ ଉଜୁଡ଼ି ଯାଇଛି, ବାପଟିର ସ୍ୱପ୍ନ ଚୁରମାର ହୋଇଯାଇଛି, ଭାଇଭଉଣୀଙ୍କୁ ଦେଖାଇ ଥିବା ଜୀବନ ସଞ୍ଜୀବନିର ସେହି ପିଲାଟି (ବିଦ୍ୟାର୍ଥୀ) ଆଉ ଆଗପଛ କିଛି ବିଚାର କରିପାରି ନାହାଁନ୍ତି କି ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଓ ପରିଚାଳନା ଉପରେ ଭରଷା ବି ରଖି ପାରୁନାହାଁନ୍ତି । ଆଉ ବିଳମ୍ବ ନକରି ପରୀକ୍ଷା ବିଭ୍ରାଟ ଏବଂ ଚାକିରୀ ବିକ୍ରି ରୋକିବା ନିମନ୍ତେ ଭାଜପା ସରକାର କେନ୍ଦ୍ର ଢ଼ାଞ୍ଚାରେ ଆଇନ ପ୍ରଣୟନ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

# ଭଲ କାମ କର ଓ ସମସ୍ତଙ୍କ ଭିତରେ ଭଲ କାର୍ଯ୍ୟକୁ ଦେଖ

### ଅନୀତା ପଟ୍ଟନାୟକ

ଆଇନ ବିଦ୍ୟାଳୟରୁ, ଆଇନଗତ ଯୋଗ୍ୟତା ହାସଲ କରିବା ପରେ ଭଲ ଓକିଲାତି ଶିକ୍ଷା କରିବାକୁ ହେଲେ ଜଣେ ବରିଷ୍ଠ ଓକିଲଙ୍କ ନିକଟରେ କିଛି ଦିନ କାର୍ଯ୍ୟ କରିବାକୁ ପଡ଼ିଥାଏ । ସେହିପରି ଘଟିଥିଲା ରାମେଶ୍ୱର ବାବୁଙ୍କ ନିକଟରେ । ସେ ଓକିଲାତିରେ ଯୋଗ ଦେବା ସମୟରେ ବରିଷ୍ଠ ଓକିଲ ରାମେଶ୍ୱର ବାବୁଙ୍କୁ ମଜାରେ କହିଥିଲେ ଯେ ଆଇନକୁ ନିଜ ସପକ୍ଷରେ ବାଢ଼ିପାରେ, ସେହିଁ ଜଣେ ଆଇନଜ୍ଞ କିନ୍ତୁ ଆଇନକୁ ପ୍ରୟୋଗ କରିବା ପୂର୍ବରୁ ଘଟଣା ଉପରେ ତୁମର ସଂପୂର୍ଣ୍ଣ ଦଖଲ ରହିବା ଦରକାର । ଏହାକୁ ଇଂରାଜୀରେ 'ଗବକ୍ସ-ସ୍ଥଷବକ୍ଷକ୍ଷସଭଶ କ୍ଷ୍ଲ ଲବମସ୍ଥସ୍ୱ' କୁହାଯାଏ । ରାମେଶ୍ୱର ବାବୁ ଏହାକୁ ବେଦରଗାର ବୋଲି ମାନି ଚାଲିଲେ ଓ ନିଜକୁ ସହରର ଜଣେ ପ୍ରତିଷ୍ଠିତ ଓକିଲ ଭାବେ ପ୍ରତିପାଦିତ କରିପାରିଲେ ।

ଦିନ ଗଡ଼ିଚାଲିଲା, ସେ ତାଙ୍କର ଜଣେ ବନ୍ଧୁ, ଆଶ୍ରୟ ବାବୁଙ୍କୁ ଭେଟିଲେ । ତାଙ୍କ ପରେ ଜଣେ ସାଧୁଙ୍କର ଫଟୋ ଦେଖି ତାଙ୍କର ଆଶ୍ରମ କେଉଁଠାରେ ବୁଝିଲେ । କଥା ଛଳରେ ରାମେଶ୍ୱର ବାବୁ କହିଲେ ତୁମର ଏ ସାଧୁବାବା ପ୍ରେମର ସମୁଦ୍ର ପରି ଦିଶୁଛନ୍ତି । ସଙ୍ଗେ ସଙ୍ଗେ ଆଶ୍ରୟ ବାବୁ କହିଲେ ତୁମେ ମୋର ଆରାଧ୍ୟଙ୍କୁ ସମୁଦ୍ର ସହିତ କାହିଁକି ତୁଳନା କରୁଛ, ସେ ତ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ । ଏହି ପଦିଏ କଥାରୁ ଓକିଲ ରାମେଶ୍ୱରବାବୁ ଜାଣିପାରିଲେ ଆଶ୍ରୟ ବାବୁ ସାଧୁଙ୍କ ଠାରୁ ସବୁ ଭଲ କଥା ଶିଖିଛନ୍ତି । ସେ ତାଙ୍କ ଠାରୁ ଆଉ ମଧ୍ୟ ଜାଣିବାକୁ ପାଇଲେ ମହାନ ସାଧୁଙ୍କର ଏହି ସହରରେ ଗୋଟିଏ ସେବାକେନ୍ଦ୍ର ଖୋଲାଯାଇଛି । କିଛି ଦିନ ଗଲାପରେ ରାମେଶ୍ୱର ବାବୁ ଜାଣିପାରିଲେ ମହାନ ସାଧୁ କହିଥିବା କଥା ଗୁଡ଼ାକ ତାଙ୍କର ବନ୍ଧୁ ଓ ଏହି ସହରରେ ଥିବା ଭକ୍ତମାନେ ତାଙ୍କର ଉପଦେଶ ଗୁଡ଼ିକୁ ସଠିକ ଭାବରେ ହୃଦୟଙ୍ଗମ ନକରି ଘଟଣାବଳୀଗୁଡ଼ିକୁ ଠିକ ଭାବରେ ନବୁଝି ଯିଏ ଯେତେବେଳେ ପାରିଲା ସାଧୁଙ୍କର ମହତବାଣୀ ଗୁଡ଼ିକୁ ନିଜ ସପକ୍ଷରେ ବାଢୁଛନ୍ତି । ଅପରପକ୍ଷରେ କହିବାକୁଗଲେ ମହତବାଣୀ ଗୁଡ଼ିକର ପ୍ରୟୋଗ ଭକ୍ତମାନଙ୍କ ମଧ୍ୟରେ ଆଦୌ ନଥିଲା ଭଳି ଜଣା ପଡୁଥିଲା । ଏହାର ଏକ ଜ୍ୱଳନ୍ତ ଉଦାହରଣ ଥିଲା ଯେ ସାଧୁଙ୍କ ଭକ୍ତମାନେ ସାଧୁଙ୍କୁ ଭଲ ପାଉଥିବା ଓ ପୂଜା କରୁଥିବାର ଡିଣ୍ଡିମ ପିଟୁଥିଲେ ମଧ୍ୟ କାର୍ଯ୍ୟ ବ୍ୟସ୍ତତାର ଆଳ ଦେଖାଇ ନିଜ ନିଜ ମଧ୍ୟରେ ଚାନ୍ଦା ଆଦାୟ କରି ଜଣେ ପୂଜକ ରଖିଥିଲେ ଓ ତାକୁ ମାସିକ ତିନିହଜାର ଟଙ୍କା ବେତନ ଦେଉଥିଲେ । ରାମେଶ୍ୱର ବାବୁ ପଚାରିଲେ ଏପରି କାହିଁକି ଦେଉଛ ? ଆଶ୍ରୟ ବାବୁ କହିଥିଲେ ସାଧୁ କହିଛନ୍ତି ତାଙ୍କୁ ହୃଦୟରେ ରଖ ଓ ବାହ୍ୟ ଆଡ଼ମ୍ବର ପୂଜାର କି ମୂଲ୍ୟ ? ସିଗାରେଟ ଟାଣୁଥିବା ଭକ୍ତ ଅନ୍ୟ ଭକ୍ତମାନଙ୍କୁ ସିନେମା, ସିଗାରେଟ ଓ କାର୍ଡ଼ ଖେଳିବା, କିପରି ସାଧୁ ମନା କରିଛନ୍ତି ସେ ବିଷୟରେ ଦୀକ୍ଷାନ୍ତ ଭାଷଣ ଦିଅନ୍ତି ଓ ଅନ୍ୟ ପକ୍ଷରେ ରାମେଶ୍ୱର ବାବୁ ଦେଖିଲେ ସାଧୁ ଅତ୍ୟନ୍ତ ପବିତ୍ର ଥିଲେ କିନ୍ତୁ ଭକ୍ତମାନଙ୍କର କଥା, କର୍ମ ଓ କାର୍ଯ୍ୟରେ ସମନ୍ୱୟ ରହୁନଥିଲା । ରାମେଶ୍ୱର ବାବୁ ତାଙ୍କ ଘରେ ମଧ୍ୟ ଭକ୍ତ ସାଧୁଙ୍କର ଏକ ସଂସ୍ଥା ଖୋଲି ଦେଲେ । ସେଠାରେ ସାଧୁଙ୍କର ଭଜନ କୀର୍ତ୍ତନ ଚାଲିଲା ।

ଥରେ ରାମେଶ୍ୱର ବାବୁଙ୍କ ବୋହୁ ଓଢ଼ଣା ନଦେଇ ପ୍ରସାଦ ପରିବେଷଣ କରୁଥିଲା ଓ ସେ ଖୁସିରେ ଭକ୍ତ ଫଟୋଟିକୁ ରାମେଶ୍ୱର ବାବୁଙ୍କୁ ଫୋନ ଜରିଆରେ ପଠାଇଲା । ରାମେଶ୍ୱର ବାବୁ ତାଙ୍କ ଘର ନିକଟରେ ରହୁଥିବା ଜଣେ ଭଉଣୀକୁ ସେହି ଫଟୋ ଦେଖାଇ କହିଲେ ବୋହୂକୁ ଟିକେ ଶିଖାଇ ଦେବେ କିପରି ଓଢ଼ଣା ଦେଇ ବାଢ଼ିବାକୁ ହୁଏ । ଏକଥା ଜାଣି ପାରି ବୋହୂଟି ଖୁବ ରାଗିଗଲା । ସେ କହିଲା ତାର ଏପରି ଫଟୋ ପାଖ ପଡ଼ୋଶୀଙ୍କୁ ଦେଖାଇବା କଣ ଦରକାର ଥିଲା ବାପା । ତୁମେ ଭୁଲ କରିଛ, ଏହି ଛୋଟ କଥାଟି ଉଗ୍ର ରୂପ ନେଲା । ରାମେଶ୍ୱର ବାବୁଙ୍କ ସ୍ତ୍ରୀ କହିଲେ ତମେ ଏପରି କରିବା ଉଚିତ ନଥିଲା । ପୁଅ ମଧ୍ୟ ଅନୁରୂପ କଥା କହିଲା ରାମେଶ୍ୱର ବାବୁ କିଛି ବୁଝିପାରିଲେ ନାହିଁ । ସଂଗଠନରେ ଅନ୍ୟକୁ ସଜାଡ଼ିବା ପାଇଁ ସାଧୁଙ୍କର ଅନେକ ଉପଦେଶ ଦିଆଯାଏ । ସେ କଣ ବା ଭୁଲ କଲେ ? ସେ ସାଧୁଙ୍କ ଆଶ୍ରମରେ ଦେଖିଛନ୍ତି । ସାଧୁ ବାହାରୁଥିବା ସମୟରେ ଦର୍ଶନାଭିଳାଷୀ ମହିଳା ଭକ୍ତମାନେ ଅନ୍ୟ ମହିଳା ମାନଙ୍କ ମୁଣ୍ଡରେ ଓଢ଼ଣା ଦେଇ ଦିଅନ୍ତି ।

ରାମେଶ୍ୱର ବାବୁ ତାଙ୍କର ବନ୍ଧୁ ଆଶ୍ରୟବାବୁଙ୍କ ସହିତ ମହାନ ସାଧୁଙ୍କ ଆଶ୍ରମକୁ ବୁଲିଗଲେ । ତାଙ୍କ ମନରେ ସେହି ଛୋଟ ଦ୍ୱନ୍ଦଟି ସବୁବେଳେ ଉଙ୍କି ମାରୁଥିଲା । ସେ ଭାବୁଥିଲେ ମୁଁ ବୋହୁର ଓଢ଼ଣା ଦିଆ କଥା କହି କଣ ଭୁଲି କରିଛି ? ସେ ଆଶ୍ରମର ସଦର ଫାଟକରେ ଦେଖିଲେ ଲେଖାଯାଇଛି 'ଇର ଶକ୍ଟକ୍ଟୟ, ୟକ୍ଟ ଶକ୍ଟକ୍ଟୟ, ସ୍ଥରର ଶକ୍ଟକ୍ଟୟ ସ୍ଥଷବସ୍ଥ ସସ୍ଥ ସ୍ଥଷର ଙ୍ଗବଛଭ ସ୍ଥକ୍ଟ ଏକ୍ଟୟ' ଭଲ ହୁଅ, ଭଲ କର, ଓ ଭଲ ଦେଖ । ତାହା ହିଁ ଭଗବାନଙ୍କ ନିକଟକୁ ଯିବା ପାଇଁ ରାସ୍ତା । ଆଉ କିଛି ବାଟ ଆଗେଇବା ପରେ ସେ ଦେଖିଲେ ଲେଖା ଯାଇଛି 'ଉକ୍ଟ ଭକ୍ଟସ୍ଥ ସ୍ଥସ୍ୱଛ ସ୍ଥକ୍ଟ ଭମଷବଭଶର କ୍ଟସ୍ଥଷରକ୍ସସ୍ଥ ଭଙ୍କସ୍ଥ ସ୍ଥସ୍ୱଛ ମଷବଶର ଛକ୍ଟଙ୍କକ୍ସସ୍ଥକ୍ଷରଲ' ଅନ୍ୟକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କର ନାହିଁ । ନିଜକୁ ପରିବର୍ତ୍ତନ କର ଓ ଆଶ୍ରମର ମୁଖ୍ୟସ୍ଥାନରେ ଦେଖିଲେ ଲେଖାଯାଇଛି ଐରକ୍ଷକ୍ତ ରଙ୍ଗରକ୍ସ ଐଙ୍କକ୍ସସ୍ଥ ଭରଙ୍ଗରକ୍ସ (ଖକ୍ଟଙ୍ଗର ବକ୍ଷକ୍ଷ ଝରକ୍ସଙ୍ଗର ବକ୍ଷକ୍ଷ) ଏଥର ରାମେଶ୍ୱର ବାବୁ ନିଜର ଭୁଲ ବୁଝିପାରିଲେ ଯେ ସେ ଭଲକଥା ଦେଖି ନାହାଁନ୍ତି ନିଜକୁ ପରିବର୍ତ୍ତନ କରିବାକୁ ଚେଷ୍ଟା ନକରି ଅନ୍ୟକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଛନ୍ତି । ଅନ୍ୟ ମନରେ ଆଘାତ ଦେଇଛନ୍ତି । ସେହିଦିନ ଠାରୁ ସେ ଅନ୍ୟ କାହାକୁ ଉପଦେଶ ଦେଲେ ନାହିଁ । ଭଲ କଥା ଦେଖିବାକୁ ଚେଷ୍ଟା କଲେ ଓ ଅନ୍ୟ ମନରେ ଆଘାତ ଦେଲେ ନାହିଁ ଓ ସଂପୂର୍ଣ୍ଣ ନୀରବ ରହିବାକୁ ଭଲ ପାଇଲେ ।

ଅବସର ପ୍ରାପ୍ତ ପ୍ରଧାପିକା, ସିଡ଼ିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ଦୃଢ଼ ଅଦୃଢ଼

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଭିନ୍ନ ଭାବରେ ଅର୍ଥ ଧରାଯିବ, ସ୍ଥିର ଅଟଳ, ତାତୁଲ୍ୟ କିଛି ଶବ୍ଦ । ଅଦୃଢ଼ ଠିକ ଏହାର ବିପରୀତରେ ଅସ୍ଥିତର, ଟଳ ଟଳ ଚକ ମାନ । ମେରୁ ବୃତ୍ତର କେନ୍ଦ୍ର ବିନ୍ଦୁ ସଦୃଶ ଯେଉଁଠାରୁ ଉଦ୍ଦିଷ୍ଟ ମାପର ଚାପ ଏକ ଏକ ବିନ୍ଦୁ ଯୋଡ଼ି ଏକ ବୃତ୍ତ ଚିହ୍ନଟ କରାଯାଏ । ବେଙ୍ଗଳାରେ ମେରୁକୁ ବଳଦ ମାନେ ଚକ୍ର କାଟନ୍ତି, ଗାଡ଼ି ଅକ୍ଷ ସ୍ଥିର ଚକ ତହିଁରେ ଘୁରି ରାସ୍ତା ଅନେକ ବିନ୍ଦୁ ଉପରେ ଚାଲୁଚି । ଘର ବାନ୍ଧିଲେ ଘରର ମୁଖ୍ୟ କର୍ତ୍ତା ଘର ଥାଇ ପ୍ରାଣ ହରାଉଛନ୍ତି । ଘର ବସା ଛାଡ଼ି ପଶୁ ପକ୍ଷୀ ଅନ୍ନ ଖାଦ୍ୟ ଅନ୍ୱେଷଣରେ ଦୂରକୁ ନିତ୍ୟ ବା ସାମୟିକ ଯାଇ ପୁନଃ ବାସ ଘରକୁ ଫେରିବା ହେଉଛି । ଏଠାରେ ଦୃଢ଼ବସା, ବା ଘର ଅଦୃଢ଼ ବାସିନ୍ଦା । ପୃଥିବୀ ଦୃଢ଼ ବୋଲି ଲୋକେ ଜମି କିଣି ଘର ବାରୀ କରୁଛନ୍ତି । ରାଜ ଚାଲିଛି ଲୋକେ ପୃଥିବୀ ସ୍ଥିର ତାରେ ବିଶ୍ୱାସ ରଖିଛନ୍ତି । ମନୁଷ୍ୟ ଶରୀରରେ ମେରୁ ଦଣ୍ଡ ରହିଛି ତାସହ ଶରୀର ସମସ୍ତ ଅସ୍ଥି ପ୍ରତ୍ୟକ୍ଷ ପରୋକ୍ଷରେ ଯୋଡ଼ ରହି ମଜ୍ଜା ମାଂସ ଚର୍ମ ବେଷ୍ଟିତକୁ ଭିତରେ ଅନ୍ୟାନ୍ୟ ନରମ ଅଙ୍ଗ ରହିଛି, ଜୀବନ ଅଛି ନିଶ୍ୱାସ ଚାଲିଛି, ନିଶ୍ୱାସକୁ ବିଶ୍ୱାସ ନାହିଁ ବନ୍ଦ ହୋଇଗଲେ ଶରୀର ଜଡ଼ ମୃତ । ଏ ଶରୀର କେବେ ଦୃଢ଼ ନୁହଁ କି ଅମର ନୁହେଁ । ଏହା ଅନିତ୍ୟ ସଂସାରରେ ଅନିତ୍ୟର ଏକ ଅଂଶ । କିନ୍ତୁ ଲୋକ ନିତ୍ୟ ସ୍ୱପ୍ନ ଖସଡ଼ା କରୁଛି ।

ଆତ୍ମା ଅମର ଯାହା ଦୃଢ଼ ଶରୀର ଅଦୃଢ଼ । ମହାପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି ଦାରୁବ୍ରହ୍ମ ଏ ଦୃଢ଼ ମାନବୀୟ ଲୀଳା କ୍ରିୟାରେ ନିତ୍ୟ ଜାଗରଣରୁ ଶୟନ ପହୁଡ଼ ପର୍ଯ୍ୟନ୍ତ ସେ ସ୍ଥାନ ପରିବର୍ତ୍ତନ ନ କରି ସେହି ରତ୍ନ ସିଂହାସନରେ ବିରାଜମାନ କରି ମାନବୀୟ ଲୀଳା କ୍ରିୟାରେ ନିତ୍ୟ କର୍ମ ମାନ କରୁଛନ୍ତି । ସେ ଦୃଢ଼ କୋଳାଗ୍ରତ ମୁଦ୍ରାରେ ଦୁଇ ଭାଇ ଭକ୍ତ ଦର୍ଶନାର୍ଥୀ ନିଜ ଆଡ଼କୁ ଆକର୍ଷଣ କରୁଛନ୍ତି । ହେଲେ ସେ ଚଳ ହୁଅନ୍ତି, ସ୍ନାନ ପୂର୍ଣ୍ଣିମାକୁ ଅଣସର ପିଣ୍ଡିକୁ ରଥଯାତ୍ରାକୁ ପହଣ୍ଡିରେ ଝୁଲି ଝୁଲି ଯିବା ଦେଖାଯାଏ ଅତଏବ ସେ ବି ଟଳ ସମୟରେ ବନ୍ଧା ନବକଳେବରରେ କଳେବର ବଦଳାଉଛନ୍ତି ଏହା ମହା ମେରୁଙ୍କ ଅଟଳ ଲୀଳା । ଏପାଇଁ ଲୀଳାମୟ ଠାକୁର । ତାଙ୍କ ପାଇଁ ଓଡ଼ିଆ ପାଞ୍ଜି ଗଣକ ମନେ ପର୍ବ ସ୍ଥିର କରି ବା ଓ ତାକୁ ସାର୍ବଜନୀନ ମାନ୍ୟତା କରାଇବା ଦେଖାଯାଉଛି । ପୁରୀର ସୂର୍ଯ୍ୟୋଦୟକୁ ଚଳିତ ତିଥି ଦ୍ରାଘିମା ଅକ୍ଷାଂଶ ଦୃଷ୍ଟେ ଧାର୍ଯ୍ୟ ହୁଏ ହେଲେ ବିଶାଳ ଭୂଖଣ୍ଡରେ ତିଥି ମାନ୍ୟତାକୁ ଲୋକ ପାଳନରେ ନିଆଯାଉ ନାହିଁ । ଏଠାରେ ସ୍ଥାନ ଦୃଢ଼ରେ ତିଥି ପାଳନ ଦୃଢ଼ ଧାରା ଯାଉଛି । ଇସ୍ଲାମିକ ନିୟମ ଶୁକ୍ଳପକ୍ଷ ଦ୍ୱିତୀୟା ଚନ୍ଦ୍ର ପଶ୍ଚିମ ଦିଗ ବଳରେ ଉଦୟ ଦେଖିଲେ ମାସ ଆରମ୍ଭ ଏହା ଏକ ଦୃଢ଼ ସିଦ୍ଧାନ୍ତ ବା ଦୃକ ସିଦ୍ଧ, କିନ୍ତୁ ଯଦି ମେଘୁଆ ପାଗ ହେଲେ ତ ଚନ୍ଦ୍ର ଦର୍ଶନ ସମ୍ଭବ ନୁହେଁ ଏହାବୋଲି କଣ ତିଥି ଆରମ୍ଭ ହୋଇନାହିଁ । ଏ ପାଇଁ କେଉଁଠି କେହି ଚନ୍ଦ୍ର ଦେଖିଛନ୍ତି ତାଙ୍କ କଥା ମାନି ନିଆଯାଏ । ଅବଶ୍ୟ ସବଳ ଧର୍ମ ଗୁରୁଙ୍କ ମତ ମାନି ନିଆଯାଏ ।

ବଙ୍ଗ ଦେଶ ଗୁପ୍ତ ପ୍ରେସ ପାଞ୍ଜିକାରେ ଆମ ଓଡ଼ିଶାର ଦୁର୍ଗାପୂଜାର ବିଧି ରେ ସିନ୍ଧି ପୂଜା କରାଯିବା ଶୁଣାଯାଏ, ଏହା ସେ ଅଞ୍ଚଳର ତିଥି ନିର୍ଣ୍ଣୟ ପାଇଁ ନିଶ୍ଚୟ ଠିକ ହୋଇପାରେ ମାତ୍ର ଓଡ଼ିଶା ପାଇଁ ଯେ ତିଥି ଭୋଗ ସେ ସମୟ ସହ ମେଳ ହୋଇନପାରେ । ଏକଥାରେ ଦୃଢ଼ ଗଣକ ମାନଙ୍କର ନିଶ୍ଚୟ ଅଛି । କାନୁନ ସ୍ଥିର ଦୃଢ଼ କିନ୍ତୁ ବହୁ ବର୍ଷ ଚଳିବା ପରେ ବଦଳିବା ଦରକାର ପଡ଼େ ଏପାଇଁ ସମ୍ବିଧାନର ସଂସ୍କାର ମଝିରେ କରଯାଉଛି । ମା' ଭଉଣୀ ଝିଅ ଏମାନଙ୍କ ସମବୟସୀଙ୍କୁ ତତୁଲ୍ୟ ଆମଧର୍ମ ଶାସ୍ତ୍ରର ମାନ୍ୟତା, ମାଆଙ୍କ ଭଉଣୀ ମାଉସୀ ମାଇଁ ଯା ମାନେ କାକି ମା ସାନ ବୋଉ ଖୁଡ଼ି, ମାତୃତୁଲ୍ୟ ମାନ୍ୟତା ଅଛି । ବାପାଙ୍କ ଭଉଣୀ ପିଉସୀ ମା, ଗୁରୁଙ୍କ ସ୍ତ୍ରୀ ଗୁରୁ ମା ବା ଶିକ୍ଷୟିତ୍ରୀ ଗୁରୁମା ଏମାନେ ମାତୃ ସମା ହେଲେ ନିଜର ସ୍ତ୍ରୀ ପରିଅନ୍ୟ ଯୁବତୀ ସ୍ତ୍ରୀଙ୍କ ଭଗ୍ନୀ ତୁଲ୍ୟ ମାନ୍ୟତା ଦିଆଯାଏ । ରାଜପତ୍ନୀ ରାଜ କର୍ମଚାରୀ ପତ୍ନୀ ବି ମାଆ ବଡ଼ ମା ରୂପେ ମାନ୍ୟତା ଦିଆଯିବା ଆବଶ୍ୟକ । ଏହା ଦୃଢ଼ ତ ନୁହେଁ ସୁଦୃଢ଼ । ଅଦୃଢ଼ ମାନବ ଜୀବନ ତତ ସହ ଅନେକ ସମୟ ବନ୍ଧା କାର୍ଯ୍ୟ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩



## ନେପାଳ ବନ୍ୟା: ଭାସିଆସିଥିବା ବ୍ୟାଙ୍କ ଲକର ଭାଙ୍ଗି ଲୁଟ୍ ଅଭିଯୋଗରେ ୨୯ ଗିରଫ

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):**ନେପାଳରେ ବନ୍ୟା ବିପର୍ଯ୍ୟୟର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ ସୁରକ୍ଷାକର୍ମୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତ୍ରିଶୂଳୀ ନଦୀର ପ୍ରବଳ ସ୍ରୋତରେ ରସୁୱା ଓ ଉପରମୁଖୀ ଅଞ୍ଚଳରୁ ଭାସି ଆସିଥିବା ବ୍ୟାଙ୍କ ଲକରକୁ ଭାଙ୍ଗି ଟଙ୍କା ଲୁଟି ନେଉଥିବା ବେଳେ ୨୯ ଜଣଙ୍କୁ ଗିରଫ କରାଯାଇଛି। ସଶସ୍ତ୍ର ପୁଲିସ ବଳ (ଏପିଏଫ୍) ଏବଂ ନେପାଳ ପୁଲିସର ଏକ ମିଳିତ ଟିମ୍ ତଲାସି ଓ ପାଟ୍ରୋଲିଂ ସମୟରେ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ପୁଲିସ ସେମାନଙ୍କ ନିକଟରୁ ୯୨ ଲକ୍ଷ ୬୮ ହଜାର ୫୦୫ ନେପାଳୀ ଟଙ୍କା ଜବତ କରିଛି।ସେଣ୍ଟ୍ରାଲ ପୁଲିସ ମୁଖପାତ୍ର ଡେପୁଟି ଇନ୍ସପେକ୍ଟର ଜେନେରାଲ ଅଫ୍ ପୁଲିସ (ଡିଆଇଜି) ଅଭିନାରାୟଣ କାଫଲେଙ୍କ ସୂଚନା ଅନୁଯାୟୀ, ଗିରଫ ହୋଇଥିବା ସମସ୍ତ ୨୯ ଜଣଙ୍କୁ ଧାଡିଂ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ହେପାଜତରେ ରଖାଯାଇଛି। ସେମାନଙ୍କ ବିରୋଧରେ ଅଧିକ ତଦନ୍ତ ସହ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି। ବନ୍ୟା ଓ ବିପର୍ଯ୍ୟୟର ସୁଯୋଗ ନେଇ କିଛି ବ୍ୟକ୍ତି ସରକାରୀ, ବ୍ୟବସାୟିକ ଏବଂ ବ୍ୟକ୍ତିଗତ ସମ୍ପତ୍ତି ଭଙ୍ଗାରୁଜା, ଚୋରି ଓ ଲୁଟପାଟ କରୁଥିବାରୁ ଏହାକୁ ରୋକିବା ପାଇଁ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ କଡ଼ା ନଜର ରଖାଯିବା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

### ସରକାର ନିଜେ ଦୁର୍ନୀତି କରୁଛନ୍ତି

## ମୋଦୀ ସରକାରଙ୍କ ଉପରେ ବର୍ଷିଲେ ମୁରଲୀ ମନୋହର ଯୋଶୀ

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):**ପୂର୍ବତନ କେନ୍ଦ୍ର ମାନବ ସମ୍ବଳ ଏବଂ ବିକାଶ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ମୁରଲୀ ମନୋହର ଯୋଶୀ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ନୀତି ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ସେ ଶିକ୍ଷା ବଜେଟ ହ୍ରାସ, ସରକାରୀ ସ୍କୁଲ ବନ୍ଦ କରିବା, ଘରୋଇକରଣ, ପେପର ଲିକ୍ ଏବଂ ଦୁର୍ନୀତି ସମ୍ପର୍କରେ ସରକାରଙ୍କ ପ୍ରାଥମିକତାକୁ କଡା ସମାଲୋଚନା କରିଛନ୍ତି। ଏକ ସାକ୍ଷାତକାରରେ, ସେ କେବଳ ପରୀକ୍ଷା ବ୍ୟବସ୍ଥାର ତ୍ରୁଟିକୁ ପେପର ଲିକ୍ ପାଇଁ ଦାୟୀ କରିବା ପରିବର୍ତ୍ତେ ଏହି ପ୍ରସଙ୍ଗକୁ ସମାଜ ଏବଂ ଶାସନରେ ବୃଦ୍ଧି ପାଉଥିବା ଦୁର୍ନୀତି ସହିତ ଯୋଡ଼ିଛନ୍ତି। ସେ କହିଛନ୍ତି, ଯେତେବେଳେ ଲୋକମାନେ ସବୁଠି ଟଙ୍କା ଏବଂ ଦୁର୍ନୀତି ଦେଖନ୍ତି, ସେମାନେ ମଧ୍ୟ ଭୁଲ ରାସ୍ତାର ସାହାରା ନିଅନ୍ତି ଏବଂ ଏଥିପାଇଁ ସରକାର ଏବଂ ବ୍ୟବସ୍ଥା ମୁଖ୍ୟତଃ ଦାୟୀ।ପେପର ଲିକ୍ ପ୍ରସଙ୍ଗରେ ସେ କହିଛନ୍ତି, ଏହାର ଏକ ବଡ କାରଣ ହେଉଛି ଆମେ ଶିକ୍ଷା କ୍ଷେତ୍ରରେ କେଉଁଠାକୁ ଯିବାକୁ ଚାହୁଁଛୁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଶିକ୍ଷାକୁ ନିଯୁକ୍ତି ସହିତ ଯୋଡ଼ା ଯାଉଛି। ଶିକ୍ଷା ଅର୍ଥପୂର୍ଣ୍ଣ ହେବା ଉଚିତ୍। ଯଦି ଶିକ୍ଷା ଅର୍ଥପୂର୍ଣ୍ଣ ନୁହେଁ, ତେବେ ଏହା କି ପ୍ରକାରର ଶିକ୍ଷା ବୋଲି ପ୍ରଶ୍ନ କରି ସେ ବିଜେପିକୁ ସମାଲୋଚନା



କରିଛନ୍ତି।ଆଜି ଦିଲ୍ଲୀର ପରିସ୍ଥିତି ଏପରି ହୋଇଛି, ଜଣେ ଏମଏ ପାସ କରିଥିବା ବ୍ୟକ୍ତି ନଗର ନିଗମରେ କାମ କରୁଛନ୍ତି ଏବଂ ଜଣେ ପିଏଚଡି ଡିଗ୍ରୀଧାରୀ ନଗର ନିଗମ କାର୍ଯ୍ୟାଳୟରେ କାମ କରୁଛନ୍ତି। ଯେତେବେଳେ ମୁଁ ଜଣେ ବି.ଏଡ୍ ଡିଗ୍ରୀଧାରୀ ସଫେଇ କର୍ମଚାରୀଙ୍କୁ ୨୫,୦୦୦-୩୦,୦୦୦ ଟଙ୍କାରେ ଚୁକ୍ତିଭିତ୍ତିକ ଭାବରେ କାମ କରୁଥିବାର ଦେଖିଲି, ସେତେବେଳେ ମୁଁ ବହୁତ ଦୁଃଖିତ ହୋଇଯାଇଥିଲି। ଗୋଟିଏ ପଟେ, କଲେଜ ଖୋଲାଯାଉଛି, କିନ୍ତୁ ଅନ୍ୟପଟେ, ସେଠାରୁ ସ୍ନାତକ ହେଉଥିବା ଯୁବବର୍ଗମାନଙ୍କ ପାଇଁ ଚାକିରି ନାହିଁ।

## ରୁଷ୍-ୟୁକ୍ରେନ ଯୁଦ୍ଧ, ୨୭ ମୃତ

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):**ରୁଷ୍-ୟୁକ୍ରେରନ୍ ଯୁଦ୍ଧ ପୁଣି ଭୀଷଣ ରୂପ ନେଇଛି। ରୁଷ୍ ଗତ ତିନି ଦିନ ହେଲା ୟୁକ୍ରେନ ଉପରେ ଭୟଙ୍କର ଆକ୍ରମଣ ଜାରି ରଖିଛି। ଆକାଶ ମାର୍ଗରୁ ରୁଷରୁ ଆକ୍ରମଣ ଜାରି ରହିଥିବାବେଳେ କିବ୍ ନିକଟସ୍ଥ ୟୁକ୍ରେନର ବୁଚା ଜିଲ୍ଲାରେ ୨୭ ଜଣଙ୍କର ମୃତ୍ୟୁ ହୋଇଛି, ଡଜନ ଡଜନ ଘର କ୍ଷତିଗ୍ରସ୍ତ ହୋଇଛି ଓ ଏହି ଅଞ୍ଚଳରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି



ବୋଲି ୟୁକ୍ରେନୀୟ ଅଧିକାରୀମାନେ ଶନିବାର କହିଛନ୍ତି।ରୁଷର ଘନ ଘନ ଆକ୍ରମଣ ଯୋଗୁ କିବ୍‌ରେ ଦୈନନ୍ଦିନ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଆର୍ଥିକ କାର୍ଯ୍ୟକଳାପ ବନ୍ଦ ରହିଛି। ଆଞ୍ଚଳିକ ସାମରିକ ପ୍ରଶାସନର ମୁଖ୍ୟ ଟାଇମୁର ତକାଚେଙ୍କ କହିଛନ୍ତି ଯେ, ଆକ୍ରମଣରେ ଅତି କମରେ ୫୦ଟି ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି। ନିଆଁ ଅନେକ ଘର ଓ ଏକ ରେଷ୍ଟୁରାଣ୍ଟକୁ ବ୍ୟାପିଯାଇଛି। ୟୁକ୍ରେନ୍ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି ଯେ, ମାଇଲା ଗ୍ରାମର ଏକ ଗୋଦାମ ଉପରେ ଆକ୍ରମଣ ପରେ ବଡଧରଣର ବିସ୍ଫୋରଣ ହୋଇଥିଲା। ଗୋଦାମ ଘରେ କ'ଣ ଗଚ୍ଛିତ ଥିଲା ତାହା ଜେଲେନସ୍କି ସ୍ପଷ୍ଟ କରିନଥିଲେ; କିନ୍ତୁ କହିଛନ୍ତି ଯେ ଅଧିକାରୀମାନେ ସରକାରୀ ଅବହେଳା ପାଇଁ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଘର କିମ୍ବା ଅନ୍ୟ ଆବାସିକ ଅଞ୍ଚଳ ନିକଟରେ ଗୁଳିଗୋଳା ସଂରକ୍ଷଣ କରାଯାଇପାରିବ ନାହିଁ ବୋଲି ନିୟମ ରହିଛି ବୋଲି ଜେଲେନସ୍କି କହିଛନ୍ତି। କିବ୍‌ରେ ଲଗାତାର ତୃତୀୟ ଦିନ ପାଇଁ ବିମାନ ଆକ୍ରମଣ ହୋଇଛି।

## ନେପାଳରେ ଜଳପ୍ରଳୟ, ଭାରତରେ ମିଳୁଛି ଶବ

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):** ନେପାଳରେ ଆକସ୍ମିକ ବନ୍ୟା ପରେ ଭୟାବହ ସ୍ଥିତି । ବନ୍ୟାରେ ବହିଯାଇଥିବା ଶବ ନଦୀ ପଥରେ ଭାସି ଭାସି ଭାରତରେ ପହଞ୍ଚୁଛି । ନେପାଳରୁ ପ୍ରାୟ ୨୦୦ କିଲୋମିଟର ନଦୀ ପଥ ଅତିକ୍ରମ କରି ଉତ୍ତର ପ୍ରଦେଶର ବିଭିନ୍ନ ଅଞ୍ଚଳରେ ଶବ ମିଳୁଥିବା ଜଣାପଡ଼ିଛି । ଏବେ ସୁଦ୍ଧା ଉତ୍ତର ପ୍ରଦେଶର ମହାରାଜଗଞ୍ଜ ଓ କୁଶୀନଗର ଜିଲ୍ଲା ଦେଇ ପ୍ରବାହିତ ଗଣ୍ଡକ ନଦୀରୁ ୭ଟି ଅଜ୍ଞାତ ଶବ ଉଦ୍ଧାର ହୋଇଛି। ଉଦ୍ଧାର ହୋଇଥିବା ଶବଗୁଡ଼ିକୁ ଚିହ୍ନଟ ପର୍ଯ୍ୟନ୍ତ ସରକାରୀ ଭବନ ଓ କମ୍ୟୁନିଟି ହଲ୍‌ରେ ଅସ୍ଥାୟୀ ଭାବେ ରଖାଯାଉଛି।ଅନ୍ୟପଟେ ନେପାଳରେ ମଧ୍ୟ ଉଦ୍ଧାର ଓ ଶବ ଚିହ୍ନଟ ପ୍ରକ୍ରିୟା ଜୋରଦାର କରାଯାଇଛି । ରାସୁୱାଠାରୁ ଚିତୱାନ ଏବଂ ଭାରତୀୟ ସୀମା ପର୍ଯ୍ୟନ୍ତ ନଦୀକୂଳ ଓ ସମ୍ଭାବ୍ୟ ଉଦ୍ଧାର ସ୍ଥାନରେ ଶହ ଶହ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରାଯାଇଛି । ନେପାଳ ଗୃହ ମନ୍ତ୍ରଣାଳୟ ପକ୍ଷରୁ ରାସୁୱା, ନୁୱାକୋଟ, ଧାଡିଂ, ଗୋର୍ଖା, ଚିତୱାନ ଓ ନୱାଲପରାସୀ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖାଯାଇଛି। ଉଦ୍ଧାର ହୋଇଥିବା ଶବଗୁଡ଼ିକର ସଂରକ୍ଷଣ ଓ ପରିଚୟ ନିର୍ଣ୍ଣୟ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି ।ନାରାୟଣୀ ନଦୀ ଅବବାହିକାରେ ଚିତୱାନ ଏବେ ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳ ଭାବେ ସାମ୍ନାକୁ ଆସିଛି। ଶୁକ୍ରବାର ସୁଦ୍ଧା ଚିତୱାନ ଜିଲ୍ଲାରୁ ୨୨୧ଟି ଶବ ଉଦ୍ଧାର ହୋଇଥିବା ସୂଚନା ମିଳିଛି । ଚିତୱାନର ହସ୍ପିଟାଲଗୁଡ଼ିକରେ ଥିବା ଶବଗୃହର କ୍ଷମତା ମାତ୍ର ୩୦ରୁ ୫୦ଟି ଶବ ରଖିବା ପାଇଁ ଥିଲା। ଅଧିକ ସଂଖ୍ୟକ ଶବ ଉଦ୍ଧାର ପରେ ପ୍ରଶାସନ ଅବ୍ୟବହୃତ ସରକାରୀ ଭବନଗୁଡ଼ିକୁ ଅସ୍ଥାୟୀ ଶବ ସଂରକ୍ଷଣ ଓ ଚିହ୍ନଟ କେନ୍ଦ୍ରରେ ପରିଣତ କରିଛି । ଏହି କେନ୍ଦ୍ରଗୁଡ଼ିକରେ ପ୍ରାୟ ୨୫୦ଟି ଶବ ରଖିବାର ବ୍ୟବସ୍ଥା କରାଯାଇଛି । ନେପାଳର ଜଳପ୍ରଳୟ ପରେ ନଦୀର ନିମ୍ନଗାମୀ ପ୍ରବାହରେ ଭାରତରେ ମଧ୍ୟ ପରିସ୍ଥିତି ଉପରେ ନଜର ରଖାଯାଇଛି । ନଦୀକୂଳ ଅଞ୍ଚଳରେ ଉଦ୍ଧାର ଓ ଚିହ୍ନଟ ପ୍ରକ୍ରିୟାକୁ ପ୍ରଶାସନ ପକ୍ଷରୁ ଜାରି ରଖାଯାଇଛି ।

## କଂଗ୍ରେସ ନେତା ଚେନ୍ନିଥି ଅନି ଗିରଫ

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):** କେରଳ ମୁଖ୍ୟମନ୍ତ୍ରୀ ଭି.ଡି. ସତୀସନଙ୍କ ସୁରକ୍ଷାଦଳକୁ ବାଧା ଦେବା ଅଭିଯୋଗରେ ତିରୁବନନ୍ତପୁରମ୍‌ରେ ପୁଲିସ ଜିଲ୍ଲା କଂଗ୍ରେସ କମିଟିର ନେତା ଅନିଲ କୁମାର ଓରଫ ଚେନ୍ନିଥି ଅନିଙ୍କୁ ଗିରଫ କରିଛି। ମୁଖ୍ୟମନ୍ତ୍ରୀ ଶୁକ୍ରବାର ସନ୍ଧ୍ୟାରେ ଚେମ୍ପଜାନ୍ଥିରେ ଶ୍ରୀ ନାରାୟଣ ଗୁରୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ପୁଲିସ ସୂଚନା ଅନୁଯାୟୀ ଚେନ୍ନିଥିଙ୍କ ଦଳ ମୁଖ୍ୟମନ୍ତ୍ରୀଙ୍କ ଗାଡ଼ିକୁ ଅଟକିବାକୁ ଇଙ୍ଗିତ କରିଥିଲେ। ଅନୁରୋଧ ପରେ ମୁଖ୍ୟମନ୍ତ୍ରୀ ଗାଡ଼ିରୁ ଓହ୍ଲାଇଥିଲେ। ସିସିଟିଭି ଫୁଟେଜରେ ସେ ଚେନ୍ନିଥିଙ୍କ ସହ ଯୁକ୍ତିତର୍କ କରୁଥିବାର ଦେଖାଯାଉଛି।କିଛି ମିନିଟ୍ ଅଟକିବା ପରେ, ମୁଖ୍ୟମନ୍ତ୍ରୀ ତାଙ୍କ ଗାଡ଼ି ପାଖକୁ ଫେରି ଆସିଥିଲେ ଏବଂ ଗନ୍ତବ୍ୟ ପଥରେ ଯାଇଥିଲେ। ପୁଲିସ କହିଛି, ମୁଖ୍ୟମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟକ୍ରମରେ ଚେନ୍ନିଥିଙ୍କ ନାମ ଉଲ୍ଲେଖ କରାଯାଇ ନଥିଲା। ତାଙ୍କୁ ଅଟକ ରଖାଯାଇ ଶ୍ରୀକାର୍ଯ୍ୟମ୍ ପୁଲିସ ଷ୍ଟେସନକୁ ନିଆଯାଇଥିଲା। ପଚରାଉଚରା ପରେ ତାଙ୍କୁ ଗିରଫ କରାଯାଇଥିଲା। ଭାରତୀୟ ଦଣ୍ଡ ସଂହିତାର ଧାରା ଅନୁଯାୟୀ ତାଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ କରାଯାଇଛି।ଏଫଆଇଆର ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଗାଡ଼ି ସନ୍ଧ୍ୟା ପ୍ରାୟ ୫:୫୫ ସମୟରେ ଅଟକିଥିଲା। ଅଭିଯୋଗ ହୋଇଛି ଯେ ସେ ଆକ୍ରମଣାତ୍ମକ ଭାବରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଆକ୍ରମଣାତ୍ମକ ଆଚରଣ ନକରିବାକୁ କୁହାଯିବାରୁ, ସେ ଧମକ ଦେଇଥିଲେ, ଯଦି ମୁଁ ରାଗିଯିବି ତେବେ ତୁମେ କଣ କରିବ ଏଫଆଇଆରରେ କୁହାଯାଇଛି ଯେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ସର୍ବସାଧାରଣରେ ଅପମାନିତ କରିଥିଲେ ଏବଂ ସୁରକ୍ଷାଦଳ ସହିତ ଯାଉଥିବା ପୁଲିସ କର୍ମଚାରୀଙ୍କ କାମରେ ବାଧା ସୃଷ୍ଟି କରିଥିଲେ। ଏହି ମାମଲା ସେହି ଅଞ୍ଚଳର ରାସ୍ତାରୁ ଭିଡ ହଟାଇଥିବା ଅଧିକାରୀଙ୍କ ବୟାନ ଉପରେ ଆଧାରିତ। ପୁଲିସ କହିଛି, ତାଙ୍କୁ ରିମାଣ୍ଡ ପ୍ରକ୍ରିୟାରେ କୋର୍ଟରେ ହାଜର କରାଯିବ। ଘଟଣାର ଭିଡିଓ ଆଧାରରେ, ଅନ୍ୟ ଲୋକଙ୍କ ଭୂମିକା ମଧ୍ୟ ତଦନ୍ତାଧୀନ ଅଛି।

### ଏଫଡିଏଙ୍କୁ ବମ୍ବେ ହାଇକୋର୍ଟଙ୍କ କଡା ତାଗିଦ୍

## ପୁଣି ଖୋଲିବ ଏମସିଏର ୫ ରେଷ୍ଟୁରାଣ୍ଟ

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):**ବମ୍ବେ ହାଇକୋର୍ଟ ମୁମ୍ବାଇ କ୍ରିକେଟ୍ ଆସୋସିଏସନ (ଏମସିଏ) ପରିସରରେ ଥିବା ୫ଟି ରେଷ୍ଟୁରାଣ୍ଟଙ୍କ ଖାଦ୍ୟ ଲାଇସେନ୍ସ ରଦ୍ଦ ମାମଲାରେ ମହାରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫଡିଏ)ଙ୍କୁ ତାଗିଦ୍ କରିଛନ୍ତି। କୋର୍ଟ ଖାଦ୍ୟ ଲାଇସେନ୍ସ ନିଲମ୍ବନକୁ ରଦ୍ଦ କରି ରେଷ୍ଟୁରାଣ୍ଟଗୁଡିକୁ ଦ୍ୱିତୀୟବାର ଖୋଲିବାକୁ ଅନୁମତି ଦେଇଛନ୍ତି। ହାଇକୋର୍ଟଙ୍କ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ରବିନ୍ଦ୍ର ଧୁଗେ ଓ ଜଷ୍ଟିସ୍ ଗୌତମ ଅଖଣ୍ଡଙ୍କ ଡିଭିଜନ ବେଞ୍ଚ ଟିପ୍ପଣୀ କରିଛନ୍ତି ଯେ ବିଭାଗ ଓ ଅଧିକାରୀଙ୍କୁ ବାରମ୍ବାର ତାଗିଦ୍ ସତ୍ତ୍ୱେ ଏଫଡିଏ କୋର୍ଟଙ୍କ ପୁନର୍ବିଚାର ନିର୍ଦ୍ଦେଶକୁ ଅଣାଦେଖା କରୁଛି ।ଖଣ୍ଡପୀଠ କହିଛନ୍ତି ଯେ ବିଭାଗ ବ୍ୟବହାରିକ ଦୃଷ୍ଟିକୋଣ ପରିବର୍ତ୍ତେ ସଂକିର୍ଣ୍ଣ ବିଚାର କରୁଛନ୍ତି। ଏଣୁ କୋର୍ଟ ଅନ୍ତତଃ ନିଲମ୍ବନ ନିର୍ଦ୍ଦେଶ ରଦ୍ଦ କରିଦେଇଥିବା ବେଳେ ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ (ବିସିଏ)ର ଏମସିଏ ପରିସରରେ ଥିବା ୫ ରେଷ୍ଟୁରାଣ୍ଟଙ୍କୁ ଖୋଲିବାକୁ ଅନୁମତି ମିଳି ଯାଇଛି। କଥିତ ସ୍ୱଚ୍ଛତା ଉଲ୍ଲଂଘନ ଓ ଥାର୍ଡ ପାର୍ଟି ସଞ୍ଚାଳନର ଉଦାହରଣ ଦେଇ



ଲାଇସେନ୍ସ ନିଲମ୍ବନ କରିଥିବା ଏଫଡିଏ ନିଷ୍ପତ୍ତିକୁ ଏମସିଏ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ତେବେ ଗୁରୁବାର ନିରୀକ୍ଷଣ କାଳରେ ଭୋଜନାଳୟ ଖାଦ୍ୟ ସୁରକ୍ଷା ମାନକର ୮୮% ପର୍ଯ୍ୟନ୍ତ ପାଳନ କରିଥିବା ଦେଖା ଯାଇଥିଲା। ଏହା ସତ୍ତ୍ୱେ ଏଫଡିଏ ନିଲମ୍ବନ ହଟାଇବାକୁ ଅସ୍ୱୀକାର କରିଦେଇଥିଲେ।ବିଭାଗର ତର୍କ ଥିଲା ଯେ ଲାଇସେନ୍ସ ଏମସିଏକୁ ମଞ୍ଜୁର କରାଯାଇଥିଲା। ତେବେ ସେଠାରେ ମେସର୍ସ ଶିରକେ ଇନଫ୍ରାଷ୍ଟ୍ରକ୍‌ଚର ରେଷ୍ଟୁରାଣ୍ଟ ସଞ୍ଚାଳନ କରୁଥିଲେ। ଶନିବାର ଶୁଣାଣି କାଳରେ ଏଫଡିଏ କୋର୍ଟଙ୍କୁ କହିଛନ୍ତି ଯେ ଏମସିଏକୁ ଏକ ନୂଆ ନୋଟିସ୍ ଜାରି କରାଯିବ, ଯାହାଦ୍ୱାରା ଏମସିଏକୁ ଶିରକେ ଇନଫ୍ରାଷ୍ଟ୍ରକ୍‌ଚର ସହିତ କଣ୍ଟ୍ରାକ୍ଟ ବୁଝାମଣାକୁ ନେଇ ପକ୍ଷ ରଖିବାକୁ ସୁଯୋଗ ମିଳିବ। ଏହା ପରେ ହିଁ କୌଣସି ତର୍କ ସଙ୍ଗତ ଆଦେଶ ଜାରି କରାଯାଇ ପାରିବ।ତେବେ ଏଫଡିଏର ତର୍କଉପରେ ହାଇକୋର୍ଟ କଡ଼ା ଟିପ୍ପଣୀ କରିଛନ୍ତି, କହିଛନ୍ତି ଯେ 'ଆଇନରେ ଏପରି କୌଣସି ପ୍ରବଧାନ ନାହିଁ ଯେଉଁଥିରେ ଏହାକୁ ପ୍ରତିବନ୍ଧିତ କରୁଛି। ତୁମେ କଣ ନିଜକୁ ଭଗବାନ ଭାବୁଛ ସିଧା ଜେଲକୁ ପଠାଇ ଦେବୁ' ବୋଲି ଖଣ୍ଡପୀଠ କହିଛନ୍ତି।

## ମମତା ବାନାର୍ଜୀଙ୍କ ବିରୋଧରେ ମାମଲା ରୁଜୁ

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):**ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ପଶ୍ଚିମବଙ୍ଗ ତୃଣମୂଳ ଛାତ୍ର ପରିଷଦ (ଡବ୍ଲୁବିଟିଏମ୍‌ସିପି) ବିରୋଧରେ କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରିବା ଅଭିଯୋଗରେ ଏକ ମାମଲା ପଞ୍ଜିକୃତ ହୋଇଛି। ଶୁକ୍ରବାର ଡବ୍ଲୁବିଟିଏମ୍‌ସିପି ପ୍ରତିଷ୍ଠା କାର୍ଯ୍ୟକ୍ରମ ଅବସରରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ସମୟରେ ସମର୍ଥକମାନେ ବ୍ୟାରିକେଡ୍ ଠେଲି ଦେଇ ପୁଲିସ କର୍ମଚାରୀଙ୍କ ସହ ଧସ୍ତାଧସ୍ତି କରିଥିବା ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମ ଯୋଗୁ କ୍ୟାଥେଡ୍ରାଲ୍ ରୋଡରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଥିଲେ ଓ କୋର୍ଟ ଦ୍ୱାରା ଅନୁମତିପ୍ରାପ୍ତ ସମୟଠାରୁ ଅଧିକ ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଜାରି ରଖିଥିଲେ ବୋଲି ଅଭିଯୋଗ ହୋଇଛି। କୋଲକାତା ପୁଲିସ ଅନୁଯାୟୀ, ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ର ଧାରା ୬୧(୨), ୨୨୩, ୧୨୫(ଏ), ୧୩୨ ଏବଂ ୨୮୫ ଅନୁଯାୟୀ ହେଷ୍ଟିଙ୍ଗସ୍ ପୁଲିସ ଷ୍ଟେସନରେ ମାମଲା ରୁଜୁ କରାଯାଇଛି।

## ଜିତନରାମ୍ ମାଞ୍ଝୀଙ୍କ ଇସ୍ତଫା ମାଗିଲେ ଚିରାଗ

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):** ଆରକ୍ଷଣକୁ ନେଇ ବଢୁଥିବା ବିତର୍କ ମଧ୍ୟରେ ଏବେ ଏନ୍‌ଡିଏ ଭିତରେ ହିଁ ମତଭେଦ ଦେଖାଦେଇଛି। ଦଳିତ ଆରକ୍ଷଣରେ 'କ୍ରିମି ଲେୟର' ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାଞ୍ଝୀଙ୍କ ବୟାନରେ କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନ ପାଲଟା ଜବାବ ଦେଇଛନ୍ତି। ଏପରିକି କେନ୍ଦ୍ରରେ ମନ୍ତ୍ରୀ ଥିବା ମାଞ୍ଝୀ ଏବଂ ବିହାର ସରକାରରେ ମନ୍ତ୍ରୀ ଥିବା ତାଙ୍କ ପୁଅ ସନ୍ତୋଷ ସୁମନଙ୍କ ଇସ୍ତଫା ଦାବି କରିଛନ୍ତି ଚିରାଗ। ଚିରାଗ କହିଛନ୍ତି, ଯେତେବେଳେ ଦଳିତ ଓ ମହାଦଳିତଙ୍କ ମଧ୍ୟରେ ବିଭାଜନ କରିବାକୁ ଚେଷ୍ଟା ହୋଇଥିଲା, ସେତେବେଳେ ମଧ୍ୟ ସେ ଏହା ବିରୋଧରେ ସ୍ୱର ଉଠାଇଥିଲେ।ଚିରାଗ ପାସୱାନ କହିଛନ୍ତି, "ମୁଁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଲୋକଙ୍କୁ ଆରକ୍ଷଣ ଦେବା କଥା କହୁଛି। ଲୋକେ ପଚାରୁଛନ୍ତି, ଏଥିରେ 'କ୍ରିମି ଲେୟର' ବ୍ୟବସ୍ଥା କାହିଁକି ନାହିଁ? ଠିକ୍ ଅଛି, ତାହେଲେ ସେମାନେ ଏହାକୁ ଛାଡ଼ି ଦିଅନ୍ତୁ ଏବଂ ଆରକ୍ଷଣର ଲାଭ ନେବା ବନ୍ଦ କରନ୍ତୁ। ଯଦି ଜିତନ ରାମ ମାଞ୍ଝୀଙ୍କୁ ଲାଗୁଛି ଯେ ଏହି ବ୍ୟବସ୍ଥା ଲାଗୁ ହେବା ଉଚିତ, ତାହେଲେ ପ୍ରଥମେ ସେ ଇସ୍ତଫା ଦେବା ଉଚିତ ନୁହେଁ କି? ତାଙ୍କୁ 'କ୍ରିମି ଲେୟର'ର ଧାରଣା ଆଣିବା ଉଚିତ। ଶେଷରେ ସେ ମଧ୍ୟ ତ ସେହି ବର୍ଗରେ ଆସୁଛନ୍ତି, ଠିକ୍ ନା ତାଙ୍କୁ ଇସ୍ତଫା ଦେବା ଉଚିତ ଏବଂ ତାଙ୍କ ପୁଅ, ଯିଏ ଏଠାରେ ଉପସ୍ଥିତ ଅଛନ୍ତି, ତାଙ୍କୁ ମଧ୍ୟ ଇସ୍ତଫା ଦେବା ଉଚିତ।"

## ୩ ବରିଷ୍ଠ ନେତାଙ୍କୁ ଭର୍ତ୍ସନା କଲେ ନୀତିନ ନବୀନ

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):** ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦଳୀୟ ନେତାମାନଙ୍କ ସହ ଏକ ବୈଠକ କରିଛନ୍ତି। ବୈଠକରେ ଯୁବବର୍ଗଙ୍କ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ସହ ଯୁବପିଢ଼ିଙ୍କ ସହିତ ଆଲୋଚନା, ଯୋଗାଯୋଗ ଏବଂ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ବୈଠକରେ କେନ୍ଦ୍ର ମନ୍ତ୍ରୀ ମାନସୁଖ ମାଣ୍ଡବ୍ୟ, ବିଜେପି ସାଧାରଣ ସଚିବ ସ୍ମୃତି ଇରାନୀ, କମଲେଶ ପାସୱାନ, ରବି କିଶନ, ଗୁରୁ ପ୍ରକାଶ ପାସୱାନ, ହେମାଙ୍ଗ ଯୋଶୀ, ରାଜୁ ବିସ୍ତା, ଗୁଜୁରାଟର ଡେପୁଟି ସିଏମ ହର୍ଷ ସାଙ୍ଗଭି, ଛତିଶଗଡର ଡେପୁଟି ସିଏମ ବିଜୟ ଶର୍ମା ଏବଂ ପୁନମ ମହାଜନ ଯୋଗ ଦେଇଛନ୍ତି।

ସୂତ୍ର ଅନୁସାରେ, ନୀତିନ ନବୀନ ବୈଠକରେ ଦଳର ତିନି ଜଣ ବରିଷ୍ଠ ନେତାଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ସୂଚନା ଅନୁଯାୟୀ ପଶ୍ଚିମ ଦିଲ୍ଲୀ ସାଂସଦ କମଲଜିତ ସେହରାୱତ, ଦକ୍ଷିଣ ଦିଲ୍ଲୀ ସାଂସଦ ରାମବୀର ସିଂହ ବିଧୁରୀ ଏବଂ ଉତ୍ତର-ପଶ୍ଚିମ ଦିଲ୍ଲୀ ସାଂସଦ ଯୋଗେନ୍ଦ୍ର ଚନ୍ଦୋଲିଆଙ୍କୁ ସେ କଡ଼ା ଭର୍ତ୍ସନା କରିଛନ୍ତି। ରିପୋର୍ଟ ଅନୁସାରେ, ଏହି ତିନି ବରିଷ୍ଠ ନେତା ପୂର୍ବତନ କଂଗ୍ରେସ ନେତା ସଜ୍ଜନ କୁମାରଙ୍କ ଶୋକସଭାରେ ଯୋଗ ଦେଇଥିଲେ।ଭାରତୀୟ ଜନତା ପାର୍ଟି ବର୍ତ୍ତମାନ ଆଗାମୀ ବିଧାନସଭା ନିର୍ବାଚନ ଉପରେ ଧ୍ୟାନ ଦେଉଛି। ସେଥିମଧ୍ୟରୁ ଗୋଟିଏ ହେଉଛି ପଞ୍ଜାବ ବିଧାନସଭା ନିର୍ବାଚନ। ପଞ୍ଜାବ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାରୁ, ସଜ୍ଜନ କୁମାରଙ୍କ ସହ ବରିଷ୍ଠ ବିଜେପି ନେତାଙ୍କ ସମ୍ପର୍କ ଏବଂ ଶୋକସଭାରେ ଅଂଶଗ୍ରହଣ ଦଳର ଭାବମୂର୍ତ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ତେଣୁ, ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି ନୀତିନ ନବୀନ ତିନି ବରିଷ୍ଠ ନେତାଙ୍କୁ କଡ଼ା



ସମାଲୋଚନା କରିଥିବା ଅନୁମାନ କରାଯାଉଛି।ଆମ୍ ଆଦମୀ ପାର୍ଟିର ମିଡିଆ ପ୍ରଭାରୀ ବଲତେଜ ପନ୍ନୁ ମଧ୍ୟ ଏହି ପ୍ରସଙ୍ଗରେ ବିଜେପିକୁ ସମାଲୋଚନା କରି କହିଥିଲେ, ଏମାନେ ସେହି ଲୋକ ଯେଉଁମାନେ କେବେ ବିସ୍ଥାପିତ ଶିଖ ସମ୍ପ୍ରଦାୟର ବସତିକୁ ଯାଇ ନଥିଲେ କିମ୍ବା ସେମାନଙ୍କ ଦୁଃଖ ବାଣ୍ଟିବା ପାଇଁ ସେମାନଙ୍କ ପରିବାରକୁ ଭେଟି ନଥିଲେ, ତେବେ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ସଜ୍ଜନ କୁମାରଙ୍କ ମୃତ୍ୟୁରେ ସେମାନେ ସବୁଠାରୁ ଅଧିକ ଦୁଃଖିତ। ସେ ଗୁରୁତ୍ୱାରୋପ କରି କହିଥିଲେ ଯେ କଂଗ୍ରେସ ହେଉ କି ଭାରତୀୟ ଜନତା ପାର୍ଟି, ସଂଖ୍ୟାଲଘୁଙ୍କ ପ୍ରତି ଉଭୟ ଦଳର ମନୋଭାବ ସମାନ ରହିଛି ଏବଂ ଏହା ଏବେ ସମଗ୍ର ଦେଶ ସମ୍ମୁଖରେ ପ୍ରକାଶ ପାଇଛି।ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କୁ ୧୯୮୪ ଶିଖ ବିରୋଧୀ ଦଙ୍ଗା ମାମଲାରେ ୧୪ ଡିସେମ୍ବର ୨୦୧୮ରେ ଦିଲ୍ଲୀ ହାଇକୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସେ ସୁପ୍ରିମକୋର୍ଟରେ ହାଇକୋର୍ଟଙ୍କର ରାୟକୁ ଚ୍ୟାଲେଞ୍ଜ କରିଥିଲେ, କିନ୍ତୁ ସୁପ୍ରିମକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ତିହାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା ସଜ୍ଜନ କୁମାରଙ୍କ ୨୦ ଅଗଷ୍ଟରେ ୮୦ ବର୍ଷ ବୟସରେ ମୃତ୍ୟୁ ହୋଇଥିଲା।

## ନେପାଳର ଜଳପ୍ରଳୟ ଦେଖି ହିମବାହୀ ହ୍ରଦକୁ ନେଇ ବଢିଲା ଭାରତର ଚିନ୍ତା

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):**ନେପାଳରେ ହିମବାହ ହ୍ରଦ ବିପର୍ଯ୍ୟୟ ପରେ ହିମାଳୟ ଅଞ୍ଚଳରେ ଥିବା ପ୍ରାୟ ୨୦୦ ଉଚ୍ଚ-ବିପଦପୂର୍ଣ୍ଣ ହିମବାହ ହ୍ରଦକୁ ନେଇ ଭାରତ ନିଜସ୍ୱ ରଣନୀତି ଏବଂ ଏପରି ବିପଦର ମୁକାବିଲା କରିବା ପାଇଁ ପ୍ରସ୍ତୁତି ଉପରେ ପୁନଃ ଆଲୋଚନା ଆରମ୍ଭ କରିଛି। ସରକାରଙ୍କ ପକ୍ଷରୁ କରାଯାଇଥିବା ହିମବାହ ହ୍ରଦ ସର୍ଭେ ଅନୁଯାୟୀ, ହିମାଳୟ ପର୍ବତମାଳାରେ ପ୍ରାୟ ୭,୫୦୦ ହିମବାହ ହ୍ରଦ ଅବସ୍ଥିତ। ଏହାର ୧୦% ସିକିମରେ ରହିଛି। ସେଥିମଧ୍ୟରୁ ୨୫ଟିକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଇଛି। ଅଧ୍ୟୟନରୁ ଜଣାପଡିଛି, ସେଥିମଧ୍ୟରୁ ୪,୭୦୦ ହିମବାହ ହ୍ରଦ ଗଙ୍ଗା ନଦୀ ଅବବାହିକାରେ ଅବସ୍ଥିତ ଏବଂ ସେସବୁର ଜଳଧାରଣ କ୍ଷମତା ୨.୫ ଲକ୍ଷ ବର୍ଗ କିଲୋମିଟରରୁ ଅଧିକ। ଏହା ଭାଙ୍ଗିବା ଦ୍ୱାରା ଏକ ବିରାଟ ଧରଣର କ୍ଷୟକ୍ଷତି ହେବାର ଆଶଙ୍କା ରହିଛି।୩ ଅକ୍ଟୋବର ୨୦୨୩ରେ, ସିକିମର ଦକ୍ଷିଣ ଲହୋନାକ୍ ହ୍ରଦରେ ୧୪.୭ ଘନ ମିଟରର ହିମଶିଳା ପଥର ମଧ୍ୟରାତ୍ରିରେ ଧସି ପଡ଼ିଥିଲା। ଏହା ଯୋଗୁଁ ୨୦ ମିଟର ଉଚ୍ଚ ବିସ୍ଥାପନ ତରଙ୍ଗ ସୃଷ୍ଟି କରିଥିଲା,ଯାହା ଫଳରେ ତଳମୁଣ୍ଡରେ ଥିବା ଅନେକ ଜଳ ବିଦ୍ୟୁତ୍ ଭିତ୍ତିଭୂମି ଏବଂ ଜନବସତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସଦସ୍ୟ କୃଷ୍ଣ ଭାତ୍ସ କହିଛନ୍ତି ଯେ ନେପାଳ ଘଟଣା ହିମାଳୟ ବିପର୍ଯ୍ୟୟ ବିପଦର ଏକ ନୂତନ ଦିଗକୁ ଦର୍ଶାଉଛି। ଯଦିଓ ଘଟଣାଗୁଡ଼ିକର ସଠିକ୍ କ୍ରମ ଏପର୍ଯ୍ୟନ୍ତ ବୈଜ୍ଞାନିକ ଭାବରେ ଘଟିବାରେ ଲାଗିଛି। ଭାରତର ଜାତୀୟ ଗ୍ଲାସିୟର ଲେକ୍ ଆଉଟବ୍ରଷ୍ଟ ଫ୍ଲଡ୍ ବିପଦ ହ୍ରାସ କାର୍ଯ୍ୟକ୍ରମ ୧୯୫ ବିପଦପୂର୍ଣ୍ଣ ହିମବାହ ହ୍ରଦକୁ ଚିହ୍ନଟ କରିଛି ଏବଂ ପାଞ୍ଚଟିକୁ ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ଘୋଷଣା କରି ମୂଲ୍ୟାୟନ, ତଦାରଖ, ପ୍ରାରମ୍ଭିକ ଚେତାବନୀ, ପ୍ରଶମନ, ସମ୍ପ୍ରଦାୟ ସଚେତନତା ଉପରେ ଗୁରୁତ୍ୱାରୋପ କରିଛି। ସିକିମରେ ବିପର୍ଯ୍ୟୟର ମୁକାବିଲା ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ ସମନ୍ୱୟ କମିଟି ଗଠନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ରଙ୍କ ନେତୃତ୍ୱରେ ଏହି ପଦକ୍ଷେପକୁ ବହୁ-ଏଜେନ୍ସି ଆଲୋଚନା ଏବଂ ଏପରି ହ୍ରଦଗୁଡ଼ିକର ସର୍ଭେ ଆୟୋଜନ କରିବା ଏବଂ ଉଚ୍ଚ-ବିପଦପୂର୍ଣ୍ଣ ହ୍ରଦ ଚିହ୍ନଟ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ସରକାର ଉଚ୍ଚ-ବିପଦପୂର୍ଣ୍ଣ ହିମାଳୟ ହ୍ରଦ ଥିବା ଚାରୋଟି ହିମାଳୟ ରାଜ୍ୟ ପାଇଁ ଜାତୀୟ ଗ୍ଲାସିୟର ଲେକ୍ ଆଉଟବ୍ରଷ୍ଟ ଫ୍ଲଡ୍ ବିପଦ ପ୍ରଶମନ କାର୍ଯ୍ୟକ୍ରମ ପାଇଁ ୧୫୦ କୋଟି ଟଙ୍କା ମଧ୍ୟ ଆବଣ୍ଟନ କରିଛନ୍ତି।

### ଦଳିତଙ୍କୁ ଅପମାନିତ କରିବା ପ୍ରସଙ୍ଗ ଉଠାଇଲେ ରାହୁଲ

## ଏସସି-ଏସଟି ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ ଦାବି

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):**କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ରାହୁଲ ଗାନ୍ଧୀ ଦଳିତଙ୍କ ବିରୋଧରେ ହିଂସା ପ୍ରସଙ୍ଗ ଉଠାଇଛନ୍ତି। ସେ ଅଭିଯୋଗ କରିଛନ୍ତି, ଆଜି ମଧ୍ୟ ସବୁଠି ଦଳିତଙ୍କୁ ଅପମାନିତ କରାଯାଉଛି। ଏକ ସାମ୍ବାଦିକ ସମ୍ମିଳନୀରେ ସେ ହଲଦ୍ୱାନୀରେ ମଲ୍ଲିକାର୍ଜୁନ ଖାର୍ଗେଙ୍କ ରାଲି ପରେ ଶୁଦ୍ଧିକରଣ କରାଯାଇଥିବା ପ୍ରସଙ୍ଗ ଉଠାଇ କହିଛନ୍ତି, ଖାର୍ଗେ ଆମ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ। ଏହି ମାମଲାରେ ଉତ୍ତରାଖଣ୍ଡ ସରକାରଙ୍କଠାରୁ ସେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀଙ୍କଠାରୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।ଦେଶ ଦୁଇଟି ବିଚାରଧାରା ମଧ୍ୟରେ ଲଢୁଛି। ଗୋଟିଏ ପଟେ ଭାରତୀୟ ସମ୍ବିଧାନ - ବି.ଆର. ଆମ୍ବେଦକର, ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ପଟେଲଙ୍କ ସମ୍ବିଧାନ। ଅନ୍ୟ ପଟେ ବି ଏବଂ ଆରଏସଏସର ବିଚାରଧାରା। ଭାରତର ବର୍ତ୍ତମାନର ରାଜନୈତିକ ଦୃଶ୍ୟପଟ ଏହି ଦୁଇଟି ବିଚାରଧାରା ଉପରେ କେନ୍ଦ୍ରିତ ରହିଥିବା ସେ କହିଛନ୍ତି।ହଜାର ହଜାର ବର୍ଷ ଧରି ଦେଶରେ ଦଳିତମାନେ ଅତ୍ୟାଚାର ଏବଂ ହିଂସାର ଶିକାର ହୋଇଆସୁଛନ୍ତି। ସମ୍ବିଧାନ ଏହାକୁ ବେଆଇନ କରିଛି, ତଥାପି ଆଜି ମଧ୍ୟ ଦଳିତ ପିଲାମାନଙ୍କୁ ସ୍କୁଲରେ ଶୌଚାଳୟ ସଫା କରିବାକୁ ଏବଂ ଶ୍ରେଣୀଗୃହ ସଫା କରିବାକୁ ବାଧ୍ୟ କରାଯାଉଛି। ଭବିଷ୍ୟତ ପିଢ଼ିର ମନ ଉପରେ ଏହାର କି ପ୍ରଭାବ ପଡ଼ିବ କଳ୍ପନା କରନ୍ତୁ। ପିଲାମାନେ ସେମାନଙ୍କର କିଛି ସାଥୀଙ୍କୁ ଝାଡୁ କରୁଥିବାର ଦେଖୁଛନ୍ତି। ଏହା ହେଉଛି ଭାରତର ବାସ୍ତବତା।



# ନେକ୍ସସ ଏସପ୍ଲାନେଡ଼ରେ ଆନ୍ତଜାତୀୟ ଯୁବ ଦିବସ ପାଳନ ସହିତ 'ବିୟଣ୍ଡ ଦି ସ୍କ୍ରିନ-ରିକ୍ଲେମିଙ୍ଗ ରିୟଲ କନେକ୍ସନ୍ସ'

**ଭୁବନେଶ୍ୱର, ୩୦।୮ (ନି.ପ୍ର) :** ନେକ୍ସସ ଏସପ୍ଲାନେଡ଼, ସହରର ସବୁଠାରୁ ଅଗ୍ରଣୀ ଲାଇଫଷ୍ଟାଇଲ ଏବଂ ସପିଙ୍ଗ ଗନ୍ତବ୍ୟସ୍ଥଳ, ଆସନ୍ତା ୨୯ ଅଗଷ୍ଟରେ 'ବିୟଣ୍ଡ ଦି ସ୍କ୍ରିନ-ରିକ୍ଲେମିଙ୍ଗ ରିୟଲ କନେକ୍ସନ୍ସ' ଅର୍ଥାତ୍ ପରଦାରୁ ଦୂରରେ ରହି – ବାସ୍ତବ ସମ୍ପର୍କର ପୁନରୁଦ୍ଧାର ବିଷୟବସ୍ତୁକୁ ନେଇ ଏହି ଆନ୍ତର୍ଜାତୀୟ ଯୁବ ଦିବସ ମହାଆଡ଼ମ୍ବ ସହିତ ପାଳିତ ହେବ। ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ଡ଼ିଜିଟାଲ ପରଦାରୁ କିଛି ସମୟ ଦୂରେଇ ରଖି ବାସ୍ତବ ଜୀବନର ଅନୁଭୂତି, କଥାବାର୍ତ୍ତା ଏବଂ ଆଲୋଚ଼ନା ମାଧ୍ୟମରେ ପରସ୍ପର ସହ ଯୋଡ଼ି ହେବାକୁ ଉତ୍ସାହିତ କରିବ।

ଏହି ସାଂସ୍କୃତିକ ସନ୍ଧ୍ୟାରେ ବ୍ୟାଣ୍ଡ ପ୍ରଦର୍ଶନ, ନୃତ୍ୟକଳା, ବିଷୟବସ୍ତୁ ଭିତ୍ତିକ ନାଟକ, ଦର୍ଶକମାନଙ୍କ ସହ ଭାବବିନିମୟ, ଖେଳ ଏବଂ ପୁରସ୍କାର ବିତରଣ ଭଳି ଅନେକଗୁଡ଼ିଏ ଲାଇଭ କାର୍ଯ୍ୟକ୍ରମ ରହିଛି, ଯାହା ଛାତ୍ରଛାତ୍ରୀ ଏବଂ ଆଗନ୍ତୁକ ଅତିଥିମାନଙ୍କ ପାଇଁ ଏକ ମନୋରନଧର୍ମୀ ଅନୁଭୂତି ସୃଷ୍ଟି କରିବ। କେବଳ ମନୋରନ ନୁହେଁ, ଏହି ମଞ୍ଚ ଯୁବ ପ୍ରତିଭାମାନଙ୍କୁ ବାସ୍ତବ ସମ୍ପର୍କର ଗୁରୁତ୍ୱ ଉପରେ ନିଜ ଚ଼ିନ୍ତାଧାରା ପ୍ରକାଶ କରିବା ସହ ଏଭଳି ଏକ ସନ୍ଦେଶକୁ ଅତି ନିଆରା ଏବଂ ଆକର୍ଷଣୀୟ ଢ଼ଙ୍ଗରେ ଉପସ୍ଥିତ ଜନସାଧାରଣଙ୍କ ନିକଟରେ ବ୍ୟାପକ ଭାବରେ ପହଞ୍ଚାଇବାର ସୁଯୋଗ ଦେବ। ଏହା କେବଳ ଗୋଟିଏ ଉତ୍ସବ ନୁହେଁ, ବରଂ ଯୁବପିଢ଼ିଙ୍କୁ ସେମାନଙ୍କ ଫୋନଗୁଡ଼ିକୁ କିଛି ସମୟ ପାଇଁ ପାଖରେ ରଖି ନୂଆ ଲୋକଙ୍କୁ ଭେଟିବା, ଲାଇଭ ପ୍ରଦର୍ଶନର ଆନନ୍ଦ ନେବା ଏବଂ ବିଭିନ୍ନ କାର୍ଯ୍ୟକଳାପରେ ଏକାଠି ଭାଗ ନେବାର ସୁଯୋଗ ପ୍ରଦାନ କରୁଛି। ନେକ୍ସସ ଏସପ୍ଲାନେଡ଼ର ମୂଳ ଲକ୍ଷ୍ୟ ହେଉଛି ବାସ୍ତବ ସମ୍ପର୍କର ଏହି ଆଲୋଚ଼ନାକୁ ପ୍ରାସଙ୍ଗିକ, ସକାରାତ୍ମକ ଏବଂ ସହଜବୋଧ କରିବା ସହିତ ପରିବାର, ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଦର୍ଶକମାନଙ୍କୁ ବାସ୍ତବ ଦୁନିଆରେ ପରସ୍ପର ସହ ଅଧିକ ସମୟ ବିତାଇବାକୁ ପ୍ରୋତ୍ସାହିତ କରିବା।

# ଦି ସଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ୨୦୨୬ – ଡିଭାଇନ୍ ସଲିଟେୟାର୍ସ ପକ୍ଷରୁ ଆକର୍ଷଣୀୟ ପାର୍ବଣ ଅଫର୍

**ମୁମ୍ବାଇ, ୩୦।୮ (ନି.ପ୍ର):** ଦି ସଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ଡିଭାଇନ୍ ସଲିଟେୟାର୍ସର ପ୍ରମୁଖ ବାର୍ଷିକ ଗ୍ରାହକ ଅଭିଯାନ, ଯାହା ୧ ଅଗଷ୍ଟ ୨୦୨୬ରୁ ଦେଶବ୍ୟାପୀ ଏହାର ବିସ୍ତୃତ ପାର୍ଟନର୍ ଜୁଏଲର୍ ନେଟଓ୍ୱର୍କ ମାଧ୍ୟମରେ ଆରମ୍ଭ ହୋଇଥିଲା, ବର୍ତ୍ତମାନ ଏହାର ଅନ୍ତିମ ସପ୍ତାହରେ ପହଞ୍ଚିଛି। ଫେଷ୍ଟିଭାଲ୍ ଶେଷ ପର୍ଯ୍ୟାୟକୁ ଆସୁଥିବା ବେଳେ, ଡିଭାଇନ୍ ସଲିଟେୟାର୍ସ ଆକର୍ଷଣୀୟ ପାର୍ବଣ ଅଫର୍ ଘୋଷଣା କରିଛି। ଏହା ଗ୍ରାହକମାନଙ୍କୁ ପାର୍ବଣ ଋତୁରେ ବିଶେଷ ଲାଭ ଓ ପୁରସ୍କାର ଉପଭୋଗ କରିବା ପାଇଁ ଏକ ଅତିରିକ୍ତ ସୁଯୋଗ ପ୍ରଦାନ କରୁଛି। ଋଫରଓ ୨୦୨୬ର ଏକ ଅବ୍ୟାହତ ଅଂଶ ଭାବରେ, ଡିଭାଇନ୍ ସଲିଟେୟାର୍ସ ନୂତନ ଏବଂ ଆକର୍ଷଣୀୟ ଅଫର୍ ଆଣିଛି, ଯାହା ଗ୍ରାହକମାନଙ୍କ ପାଇଁ ପାର୍ବଣ ଋତୁରେ ଏକ ବିଶେଷ ସୁବିଧା ପ୍ରଦାନ କରିବ। କ୍ରୟ କରୁଥିବା ଗ୍ରାହକମାନଙ୍କୁ ସେମାନଙ୍କର ନିଶ୍ଚିତ ଉପହାରରେ ଅପଗ୍ରେଡ୍ ପ୍ରଦାନ କରାଯିବ। ଏହା ସହିତ, ଯେଉଁ ଗ୍ରାହକମାନେ ନିଜ ଗହଣାକୁ ବ୍ୟକ୍ତିଗତ ରୂପ ଦେବାକୁ ଚାହାଁନ୍ତି, ସେମାନେ ଏହି ଦୁଇ ଦିନ ମଧ୍ୟରେ କୌଣସି ଅତିରିକ୍ତ ଶୁଳ୍କ ବିନା ନିଜର ନାମର ପ୍ରାରମ୍ଭିକ ଅକ୍ଷର ଖୋଦେଇ ପାରିବେ। ସାଧାରଣତଃ ଏହି ଖୋଦେଇ ସେବା ପାଇଁ ୨,୫୦୦ ଟଙ୍କାରୁ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ଲାଗୁଥିବା ବେଳେ, ଏହି ବିଶେଷ ପାର୍ବଣ ଅଫର୍ ଅନ୍ତର୍ଗତ ଏହି ସେବା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ। ଏହି ଅଫରଗୁଡ଼ିକ ଆପଣଙ୍କ ସହରର ନିମ୍ନଲିଖିତ ଶୋରୁମଗୁଡ଼ିକରେ ଉପଲବ୍ଧ ଖିମଜି ଜୁଏଲର୍ସ – ଚନ୍ଦ୍ରଶେଖରପୁର, ଜନପଥ, ସାମନ୍ତରାପୁର, ସୌଭାଗ୍ୟ ନଗର ଏବଂ ଏପାରି ସଦାଶିବ ପ୍ରାଇଭେଟ୍ ଲିମିଟେଡ୍ – ଭୁବନେଶ୍ୱର. ନୂତନ ଅଫର୍ ଏବଂ ଫେଷ୍ଟିଭାଲ୍ ବିଷୟରେ କହି ଡିଭାଇନ୍ ସଲିଟେୟାର୍ସର ମ୍ୟାନେଜିଂ ଡାଇରେକ୍ଟର ଜିଗ୍‌ନେଶ ମେହତା କହିଛନ୍ତି: 'ଦି ସଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ଆମ ଗ୍ରାହକ ଏବଂ ରିଟେଲ୍ ପାର୍ଟନର୍ମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ଷିକ ଉତ୍ସବରେ ପରିଣତ ହୋଇଛି। ପ୍ରତିବର୍ଷ ଆମେ ଗ୍ରାହକମାନଙ୍କ ମଧ୍ୟରେ ବଢ଼ୁଥିବା ଉତ୍ସାହ ଦେଖିବାକୁ ପାଉଛୁ। ଅନେକ ଗ୍ରାହକ ପ୍ରାକୃତିକ ହୀରା ସଲିଟେୟାର୍ ସହିତ ନିଜ ଜୀବନର ଅର୍ଥପୂର୍ଣ୍ଣ ମାଇଲ୍‌ଷ୍ଟୋନ୍ଗୁ ଉତ୍ସବମୁଖର କରିବା ପାଇଁ ଏହି ଅବସରକୁ ବାଛିଥାନ୍ତି। ଏଥି ସହିତ, ଏହି ଫେଷ୍ଟିଭାଲ୍ ଆମ ପାର୍ଟନର୍ ଜୁଏଲର୍ମାନଙ୍କ ପାଇଁ ମଧ୍ୟ ଅପାର ମୂଲ୍ୟ ସୃଷ୍ଟି କରୁଛି। ଏହା ଗ୍ରାହକଙ୍କ ସହ ଯୋଗାଯୋଗ ବଢ଼ାଇବା ସହିତ ଷ୍ଟୋର୍‌ରେ ସପିଂ ଅନୁଭୂତିକୁ ଆହୁରି ଉନ୍ନତ କରୁଛି। ଚଳିତ ବର୍ଷର ଫେଷ୍ଟିଭାଲ୍ର ଅନ୍ତିମ ସପ୍ତାହରେ ପ୍ରବେଶ କରୁଥିବା ବେଳେ, ଆମେ ଗ୍ରାହକମାନଙ୍କୁ ଆମ ପାର୍ଟନର୍ ଷ୍ଟୋର୍ଗୁଡ଼ିକୁ ଆସି ସଲିଟେୟାର୍ କିଣିବା ପାଇଁ ଆହୁରି ଅଧିକ କାରଣ ଦେଇପାରି ଆନନ୍ଦିତ। ଏହା ସହିତ ଆମେ ରୋମାଞ୍ଚକର ପାର୍ବଣ ସୁବିଧା ଏବଂ ପୁରସ୍କାର ମଧ୍ୟ ପ୍ରଦାନ କରୁଛୁ।'

# ଏଥର ଏନର୍ଜି ପକ୍ଷରୁ ନୂଆ ଇଲେକ୍ଟ୍ରିକ୍ ସ୍କୁଟର କୋନାର୍କ'ର ବଜାର ପ୍ରବେଶ

**ଭୁବନେଶ୍ୱର, ୩୦।୮ (ନି.ପ୍ର) :** ଭାରତର ଅଗ୍ରଣୀ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ନିର୍ମାତା ଏଥର ଏନର୍ଜି, ଆଜି ବେଙ୍ଗାଲୁରୁରେ ଏହାର ଚତୁର୍ଥ 'ଏଥର କମ୍ୟୁନିଟି ଡେ' ୨୦୨୬ ଅବସରରେ ନୂଆ ଇଲେକ୍ଟ୍ରିକ୍ ସ୍କୁଟର କୋନାର୍କ ଉନ୍ମୋଚନ କରିଛି। କୋନାର୍କ ମୋଟ ୬ଟି ଭାରିଆଂଟ ସହ ଏସ୍ ଏବଂ ଜେଡ୍ ପ୍ରଡକ୍ଟ ଲାଇନ୍‌ରେ ଉପଲବ୍ଧ ହେବ। ଏସ୍ ଲାଇନ୍‌ରେ ୧୦୦ କିମି, ୧୨୫ କିମି, ୧୬୧ କିମି ଏବଂ ୨୦୦ କିମିର ଆଇଡିସି ରେ୍ ଥିବା ଚାରୋଟି ଭାରିଆଣ୍ଟ ରହିଛି, ଯେତେବେଳେ କି ଜେଡ୍ ଲାଇନ୍‌ରେ ୧୨୫ କିମି ଏବଂ ୧୬୧ କିମିର ଆଇଡିସି ରେ୍ ଥିବା ଦୁଇଟି ଭାରିଆଣ୍ଟ ରହିଛି। ଚଳିତ ବର୍ଷ ଏଥର କମ୍ୟୁନିଟୀ ଡେ ଅବସରରେ ୪ଟି ମୁଖ୍ୟ ଘୋଷଣା କରାଯାଇଛି, ଯେଉଁଥିରେ ରହିଛି, କୋନାର୍କ, ଏଥର ଟ୍ରୁ ହେଲ୍ଥ, ଏଥର ବେଡ ରକ ଏବଂ ଏଥର ନୋଡ। କୋନାର୍କରେ ଅନେକ ନୂଆ ଫିଚର୍ କମ୍ପାନୀ ପକ୍ଷରୁ ଉପଲବ୍ଧ ହୋଇଛି, ଯେପରିକି ମ୍ୟାଜିକ୍ କି, ଅଟୋପପ୍, ଏୟାରଓ୍ୱାକ ଏବଂ ଏଥରର ଆଡଭାନ୍ସଡ୍ ଇଲେକ୍ଟ୍ରୋନିକ୍ ବ୍ରେକିଂ ସିଷ୍ଟମ। ଏହା ବାଦ ଏଥର୍ ଟ୍ରୁ ହେଲ୍ଥ – ଗାଡ଼ିର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଯେପରି କମ୍ପୋନେଂଟର ସ୍ଥିତି, ବ୍ୟାଟେରୀ ସ୍ଥିତି ଏବଂ ସେବା ଇତିହାସ, ବ୍ୟାଟେରୀ, ମୋଟର, ଡ୍ୟାଶବୋର୍ଡ, ଚାର୍ଜିଙ୍ଗ ସିଷ୍ଟମ, ବେଲ୍ଟ ଓ ବ୍ରେକ ଆଦିର ସ୍ୱାସ୍ଥ୍ୟର ତଥ୍ୟ ଭଳି ସୂଚିତ କରିଥାଏ। ଏହାକୁ ଭିତିକରି ଗାଡିର ରିସେଲ ମୂଲ୍ୟ ଆକଳନ ପ୍ରଦାନ କରିଥାଏ। ଏଥର ଏନର୍ଜିର ସହ-ପ୍ରତିଷ୍ଠାତା ତଥା ସିଇଓ ତରୁଣ ମେହତା କହିଛନ୍ତି, 'ଭାରତରେ ଇଭିକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ କୋନାର୍କର ଡିଜାଇନ୍ କରାଯାଇଛି। ଆମେ ଇଲେକ୍ଟ୍ରିକ୍ ଗାଡ଼ି କିଣିବାକୁ ଆଶାୟୀ ମାନଙ୍କ ଆବଶ୍ୟକତାକୁ ବୁଝି କୋନାର୍କ ତିଆରି କରିଛୁ।' ଏଥର ଏନର୍ଜିର ସହ-ପ୍ରତିଷ୍ଠାତା ତଥା ସିଟିଓ ସ୍ୱପ୍ନିଲ୍ ଜୈନ୍ କହିଛନ୍ତି, 'ଆମେ ଚାଳକଙ୍କ ସୁବିଧା ଅନୁଯାୟୀ ପ୍ରଯୁକ୍ତିର ବିକାଶ କରୁଛୁ। ଏଇବିଏସ, ମ୍ୟାଜିକ୍ କି, ଅଟୋପପ ଏବଂ ଏୟାରଓ୍ୱାକ, ସେହି ପ୍ରୟାସ ଯୋଗୁଁ ସମ୍ଭବ।' କୋଣାର୍କର ସମସ୍ତ ଭାରିଆଂଟ ଏଥରର ପଞ୍ଚମ ପିଢ଼ିର ବେଡରକ୍ ବ୍ୟାଟେରୀ ସହିତ ଆସୁଛି, ଯାହା ଏକ ନୂଆ ଓ୍ୱାରେଂଟି ଦ୍ୱାରା ସୁରକ୍ଷିତ ଏବଂ ଏଥିରେ ବ୍ୟାଟେରୀ ଉପରେ ୧୦ ବର୍ଷ କିମ୍ବା ୧,୦୦,୦୦୦ କିଲୋମିଟର (ଯାହା ଆଗ ପୂରିବ) ପର୍ଯ୍ୟ' କଭରେଜ୍ ମିଳିଥାଏ। ପ୍ରଥମେ କୋଣାର୍କ ଏସ୍ ୧୨୫ କିମି ଏବଂ କୋଣାର୍କ ଏସ୍ ୧୬୧ କିମି ଭାରିଆଣ୍ଟ ଉପଲବ୍ଧ ହେବ, ଯାହାର ବୁକିଂ ଏବଂ ଡେଲିଭରି ସେପ୍ଟେମ୍ବର ମଧ୍ୟଭାଗରୁ ପର୍ଯ୍ୟାୟକ୍ରମେ ଆରମ୍ଭ ହେବ। କୋଣାର୍କ ଏସ୍ ୧୦୦ କିମିର ମୂଲ୍ୟ ୯୯,୯୯୯, କୋଣାର୍କ ଏସ୍ ୧୨୫ କିମିର ମୂଲ୍ୟ ୧,୨୧,୯୯୯ ଏବଂ କୋଣାର୍କ ଏସ୍ ୧୬୧ କିମିର ମୂଲ୍ୟ ?୧,୪୪,୯୯୯ ରଖାଯାଇଛି (କାର୍ଯ୍ୟକାରୀ ଏକ୍ସ-ସୋରୁମ୍ ବେଙ୍ଗାଲୁରୁ)।



# ଜାୱା ୟେଜ୍‌ଦି ପକ୍ଷରୁ ଜାୱା ଅଲ୍ ଷ୍ଟାର୍‌ସ ୪୨ ଏଫଜେର ଶୁଭାରମ୍ଭ

**ଭୁବନେଶ୍ୱର, ୩୦।୮ (ନି.ପ୍ର) :** ଜାୱା ୟେଜଦି ମୋଟରସାଇକେଲ୍ ପକ୍ଷରୁ ଜାୱା ଅଲ୍ ଷ୍ଟାର୍ସ ୪୨ ଏଫଜେର ଲଂଚ୍ ଘୋଷଣା କରାଯାଇଛି। ଏହି ନୂତନ ଅଧ୍ୟାୟର ପ୍ରଥମ ସଫଳତା ଜାୱା ୪୨ ଏଫଜେ ମାଧ୍ୟମରେ ଆସିଛି, ଯାହା ବ୍ରାଣ୍ଡର ନିଓ-କ୍ଲାସିକ୍ ଡିଜାଇନ୍ ଭାଷାର ଏକ ନୂତନ ଓ ଆଧୁନିକ ବ୍ୟାଖ୍ୟା ଆଣିଛି। ବର୍ଷ ବର୍ଷ ଧରି, ଜାୱାର ଅଗ୍ରଣୀ ଉତ୍ସାହ ଏକ ନିର୍ଦ୍ଦିଷ୍ଟ ପ୍ରକାରର ରାଇଡରଙ୍କ ସହିତ ପ୍ରତିଧ୍ୱନିତ ହୋଇଛି, ଯିଏ ଧ୍ୟାନ ଅପେକ୍ଷା ବ୍ୟକ୍ତିତ୍ୱ ଓ ଆତ୍ମବିଶ୍ୱାସକୁ ଗୁରୁତ୍ୱ ଦେଇଥାନ୍ତି। ଏହି ରାଇଡରମାନେ ସବୁବେଳେ ଏକ ଅବ୍ୟକ୍ତ କୋଡ୍ ସେୟାର କରନ୍ତି, ଯାହା ସେମାନେ ଯାହା କୁହନ୍ତି ତାହା ମାଧ୍ୟମରେ ନୁହେଁ, ବରଂ ସେମାନେ କରୁଥିବା ପସନ୍ଦ ଓ ନିଜକୁ ବହନ କରିବାର ଉପାୟ ମାଧ୍ୟମରେ ପ୍ରକାଶିତ ହୋଇଥାଏ। ଜାୱା ଅଲ୍ ଷ୍ଟାର୍ସ ଏହି କୋଡ୍‌କୁ ଏକ ନାମ ଦେଇଛି, ତାହା ହେଉଛି ଜାୱା ଅଲ୍ ଷ୍ଟାର୍ସ କୋଡ୍ – ଚରିତ୍ର, ଆଚରଣ ଏବଂ ସାହସ। ଜାୱା ଅଲ୍ ଷ୍ଟାର୍ସ ୪୨ ଏଫଜେ ୨୦୧,୯୪୨ ଟଙ୍କା (ଏକ୍ସ-ଶୋ'ରୁମ ଦିଲ୍ଲୀ)ର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଏହା ୬ଟି ସ୍ୱତନ୍ତ୍ର କଲରରେ ଦେଶବ୍ୟାପୀ ଜାୱା ୟେଜ୍‌ଦି ଡିଲରସିପଗୁଡିକରେ ଉପଲବ୍ଧ ହେବ। ଏହାର ଆରମ୍ଭ ପରଠାରୁ, ଜାୱା ୪୨ ଏଫଜେ ଏହାର ସ୍ୱତନ୍ତ୍ର ନିଓ-କ୍ଲାସିକ୍ ଡିଜାଇନ୍, ମଜବୁତ ସଡକ ଉପସ୍ଥିତି ଏବଂ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ବ୍ୟାପକ ପ୍ରଶଂସା ହାସଲ କରିଛି। ଜାୱା ୪୨ ଏଫଜେକୁ ଭ୍ୟୁୟର୍ସ ଚଏସ ବାଇକ୍ ଅଫ୍ ଦି ଇୟର (୨୦୨୪) ଏବଂ ଭ୍ୟୁୟର୍ସ ଚଏସ ମୋଟରସାଇକେଲ୍ ଅଫ୍ ଦି ଇୟର (୨୦୨୫)ରେ ସମ୍ମାନିତ କରାଯାଇଥିଲା, ଯାହା ଉତ୍ସାହୀଙ୍କ ମଧ୍ୟରେ ଏହାର ବ୍ୟାପକ ଆକର୍ଷଣକୁ ପ୍ରଦର୍ଶିତ କରିବା ସହ ଭାରତର ଅନ୍ୟତମ ସର୍ବାଧିକ ପ୍ରଶଂସିତ ନିଓ-କ୍ଲାସିକ୍ ମୋଟରସାଇକେଲ୍ ଭାବେ ଏହାର ପ୍ରତିଷ୍ଠାକୁ ସୁଦୃଢ଼ କରିଥିଲା।

ଏହି ଲଂଚ ଅବସରରେ କ୍ଲାସିକ୍ ଲିଜେଣ୍ଡସ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ଜାୱା ସର୍ବଦା ଏପରି ରାଇଡରଙ୍କୁ ଆକର୍ଷିତ କରିଆସିଛି ଯେଉଁମାନେ ପ୍ରକୃତରେ ଜାଣିଛନ୍ତି ଯେ ସେମାନେ କିଏ। ସେମାନେ କେବେ ଏଥିପାଇଁ ଟ୍ରେଣ୍ଡ ଅନୁସରଣ କରିନାହାଁନ୍ତି, କିମ୍ବା ଭିନ୍ନ ପସନ୍ଦ ପାଇଁ ଧ୍ୟାନ ଆକର୍ଷିତ କରିନାହାଁନ୍ତି। ସମୟ ସହିତ, ଆମେ ଅନୁଭବ କରିଥିଲୁ ଯେ ଏହି ରାଇଡରଙ୍କୁ ଏକ ମିଳିତ ଆଗ୍ରହ ସଂଯୋଗ କରୁଛି। ଜାୱା ଅଲ୍ ଷ୍ଟାର୍ସ ହେଉଛି ସେହି ଉତ୍ସାହକୁ ଚିହ୍ନିବା ଓ ପାଳନ କରିବାର ଆମର ମାଧ୍ୟମ। ଏହା ଚରିତ୍ର, ଆଚରଣ ଏବଂ ସାହସ ପ୍ରତି ଏକ ଶ୍ରଦ୍ଧାଳି, ମୂଲ୍ୟବୋଧ ଯାହା ସର୍ବଦା ଜାୱା ସହିତ ଅନୁଭବ ହୋଇଆସିଛି।




# ଜାତୀୟ କ୍ରୀଡ଼ା ଦିବସରେ ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍‌ର ଫୁଟବଲ ଓ ତିରନ୍ଦାଜୀ ଏକାଡେମୀଗୁଡ଼ିକ ତୃଣମୂଳ ସ୍ତରର ପ୍ରତିଭାଙ୍କୁ ଜାତୀୟ ଚାମ୍ପିୟନ୍‌ରେ କରୁଛନ୍ତି

**ଭୁବନେଶ୍ୱର, ୩୦।୮ (ଯୁବମୋର୍ଚ୍ଚା) :** କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ସମ୍ମାନରେ ପ୍ରତିବର୍ଷ ୨୯ ଅଗଷ୍ଟରେ ପାଳିତ ହେଉଥିବା ଜାତୀୟ କ୍ରୀଡ଼ା ଦିବସରେ, ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସ୍ଏଲ୍) ସରକାରଙ୍କ 'ଖେଳିବ ଭାରତ, ଜିତିବ ଭାରତ' ଦୂରଦୃଷ୍ଟି ପ୍ରତି ଆପଣାର ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରିଛି। ଗୋଆର ସେସା ଫୁଟବଲ୍ ଏକାଡେମୀ ଓ ଝାଡ଼ଖଣ୍ଡର ବେଦାନ୍ତ ଇଏସ୍ଏଲ୍ ତିରନ୍ଦାଜୀ ଏକାଡେମୀ ନାମକ ଏହାର ଦୁଇଟି ସବୁଠାରୁ ଦୀର୍ଘଦିନରୁ ଚାଲିଆସୁଥିବା ତୃଣମୂଳ କ୍ରୀଡ଼ା ଉଦ୍ୟୋଗ ଉପରେ ଆଲୋକପାତ କରିଛି ଯାହା ମିଳିତ ଭାବେ ଗ୍ରାମୀଣ ଏବଂ ଖଣି-ଅଚଂଳ ସମ୍ପ୍ରଦାୟର ଶହ ଶହ ଯୁବ ଆଥଲେଟ୍‌ଙ୍କୁ ତୃଣମୂଳ ସ୍ତରର ଭାଗୀଦାରୀରୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତା ପର୍ଯ୍ୟନ୍ତ ଏକ ପ୍ରକୃତ ପଥ ପ୍ରଦାନ କରିଛନ୍ତି।

ସେସା ସ୍ପୋର୍ଟସ କ୍ଲବର ଐତିହ୍ୟକୁ ଆଧାର କରି ୧୯୯୯ ମସିହାରେ ସାଂଖାଲିଠାରେ ପୁନରୁଦ୍ଧାର କରାଯାଇଥିବା ଖଣି ଜମିରେ ଯାହା ଆରମ୍ଭ ହୋଇଥିଲା। ତାହା ଭାରତର ସ୍ୱୀକୃତିପ୍ରାପ୍ତ ଫୁଟବଲ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରୁ ଗୋଟିଏ ଭାବରେ ବିକଶିତ ହୋଇଛି। ଗୁଣବାନ୍ ଯୁବକମାନଙ୍କୁ ବିଶେଷ କରି ଗ୍ରାମୀଣ ଏବଂ ଖଣି-ଅଂଚଳ ସମ୍ପ୍ରଦାୟର ଫୁଟବଲକୁ ଗାମ୍ଭୀର୍ଯ୍ୟର ସହିତ ଆପଣେଇବାର ସୁଯୋଗ ଦେବା ପାଇଁ ପ୍ରତିଷ୍ଠିତ ସେସା ଫୁଟବଲ ଏକାଡେମୀ (ଏସ୍ଏଫ୍ଏ)ର ଆବାସିକ କାର୍ଯ୍ୟକ୍ରମରୁ ଏପର୍ଯ୍ୟନ୍ତ ୨୩୦ ରୁ ଅଧିକ ଖେଳାଳି ସ୍ନାତକ ହୋଇସାରିଛନ୍ତି, ଯେଉଁଥିରୁ ୧୪ ଜଣ ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ଏକାଡମୀ ବାହାରେ, ଝରଇ ର ଲିଗ୍, କ୍ୟାମ୍ପ, ଟୁର୍ଣ୍ଣାମେଂଟ ଏବଂ ତୃଣମୂଳ ଉଦ୍ୟୋଗଗୁଡ଼ିକ ୮,୦୦୦ ରୁ ଅଧିକ ଯୁବ ଫୁଟବଲରଙ୍କୁ ଜଡ଼ିତ କରିଛନ୍ତି, ଏବଂ ଏକାଡେମୀ ଲଗାତାର ଦ୍ୱିତୀୟ ଚକ୍ର ପାଇଁ ଏହାର ଏଆଇଏଫ୍ଏଫ୍ ଥ୍ରୀ-ଷ୍ଟାର ସ୍ୱୀକୃତି ବଜାୟ ରଖିଛି।

ଏସ୍ଏଫ୍ଏର ପ୍ରଭାବ ହୁଏତ ମହିଳା ଫୁଟବଲରେ ସବୁଠାରୁ ବେଶି ଦୃଶ୍ୟମାନ। ୨୦୧୭ ମସିହାରେ ଏହା ବେଦାନ୍ତ ମହିଳା ଲିଗ୍ ଆରମ୍ଭ କରିଥିଲା, ଯାହା ଆଠଟି ସଂସ୍କରଣରେ ୧,୪୦୦ ରୁ ଅଧିକ ମହିଳା ଫୁଟବଲରଙ୍କୁ ପ୍ରତିଯୋଗିତାମୂଳକ ସୁଯୋଗ ପ୍ରଦାନ କରିଛି। ଏହି ଗତିପଥକୁ ଆଧାର କରି, ଏସ୍ଇଏଲ୍ ୨୦୨୩ ମସିହାରେ ଏହାର ସିନିୟର ମହିଳା ଟିମ୍ ପ୍ରତିଷ୍ଠା କରିଥିଲା; ଦୁଇ ବର୍ଷ ମଧ୍ୟରେ, ଟିମ୍ ବେଦାନ୍ତ ମହିଳା ଲିଗ୍ ଚାମ୍ପିୟନ୍ ହୋଇଥିଲା, ଆଇଡବ୍ଲ୍ୟୁଏଲ୍-୨ ରେ ପୋଡିୟମ୍ ଫିନିସ୍ ସୁନିଶ୍ଚିତ କରିଥିଲା, ଏବଂ ଇଣ୍ଡିଆନ୍ ଓ୍ୱିମେନ୍ସ ଲିଗ୍ ପାଇଁ ଯୋଗ୍ୟତା ହାସଲ କରିଥିଲା, ଯାହା ତିନି ବର୍ଷର ବ୍ୟବଧାନ ପରେ ଗୋଟିଏ ଗୋଆନ୍ କ୍ଲବକୁ ଦେଶର ପ୍ରମୁଖ ମହିଳା ଫୁଟବଲ ପ୍ରତିଯୋଗିତାକୁ ଫେରାଇ ଆଣିଛି। ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍‌ର ଫୁଟବଲ ସହିତ ଗଭୀର ହେଉଥିବା ସମ୍ପର୍କ ଏପରି ଏକ ସମୟରେ ବିଶେଷ ମହତ୍ୱପୂର୍ଣ୍ଣ ଯେତେବେଳେ କେତେକ ଜଣାଶୁଣା କର୍ପୋରେଟ୍ ଭାରତରେ ଫୁଟବେଲ ପରିଦୃଶ୍ୟରୁ ଧୀରେ ଧୀରେ ବାହାରି ଯାଉଛନ୍ତି।



ଏହି ଅବସରରେ ବକ୍ତବ୍ୟ ରଖି ଭିଆଇଏସ୍ଏଲ୍‌ର ସିଇଓ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଶ୍ରୀ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, 'ସେସା ଫୁଟବଲ ଏକାଡେମୀ ଏବଂ ବେଦାନ୍ତ ଇଏସ୍ଏଲ୍ ତିରନ୍ଦାଜୀ ଏକାଡେମୀ ମାଧ୍ୟମରେ ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ କ୍ରୀଡ଼ାର ପରିବର୍ତ୍ତନକାରୀ ଶକ୍ତିକୁ ପ୍ରତ୍ୟକ୍ଷ କରିଛି। ସ୍କୋର କରାଯାଇଥିବା ଗୋଲ୍ ଏବଂ ଜିତିଥିବା ପଦକ ବ୍ୟତୀତ, ଏହାର ଚିରସ୍ଥାୟୀ ପ୍ରଭାବ ଯୁବକମାନଙ୍କୁ ଏପରି ଆକାଂକ୍ଷା ପୂରଣ କରିବାର ଆତ୍ମବିଶ୍ୱାସ ଦେବାରେ ନିହିତ ଅଛି ଯାହାକୁ ସେମାନେ ଦିନେ ସେମାନଙ୍କ ପହଞ୍ଚ ବାହାରେ ବୋଲି ଭାବୁଥିଲେ।'

ପର୍ଲ ଫର୍ଣ୍ଣାଣ୍ଡିଜଙ୍କ ପାଇଁ ଏସଏଫଏର ସହଯୋଗ ତୃଣମୂଳ ଫୁଟବଲରୁ ଅ'ର୍ଜାତୀୟ ମଂଚ ପର୍ଯ୍ୟ' ଅଗ୍ରଗତି କରିବା ପାଇଁ ଏକ ଭିତିଭୂମି ଯୋଗାଇ ଦେଇଛି। ଏସଏଫଏ ସିନିୟର ମହିଳା ଟିମ୍‌ର ଖେଳାଳି ପର୍ଲ ଫର୍ଣ୍ଣାଣ୍ଡିଜ୍ କହିଛନ୍ତି, 'ଏସଏଏଫଏଫର ଟି-୧୭ ମହିଳା ଚାମ୍ପିୟନସିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବା ଏବଂ ଏଏଫସି ଏସୀୟ କପ୍ ୨୦୨୬ ପାଇଁ ଯୋଗ୍ୟତା ହାସଲ କରିବାରେ ଦଳକୁ ସାହାଯ୍ୟ କରିବା ମୋ କ୍ୟାରିୟରର ସବୁଠାରୁ ଗୌରବପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକ ମଧ୍ୟରୁ ଗୋଟିଏ। କିର୍ଗିଜସ୍ତାନ ବିପକ୍ଷରେ ପ୍ରଥମ ଗୋଲ୍ ସ୍କୋର କରିବା ଏକ ସ୍ୱପ୍ନ ସତ ହେବା ପରି ଥିଲା। ମୁଁ ବିଶ୍ୱାସ କରେ ଯେ ସେସା ଫୁଟବଲ ଏକାଡେମୀରେ ମୁଁ ପାଇଥିବା ଭିତିଭୂମି ସେହି ମୁହୂର୍ତ୍ତକୁ ଗଢ଼ିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏସଏଫଏରେ ମୋତେ କେବଳ ଫୁଟବଲରେ ନୁହେଁ ବରଂ ଶୃଙ୍ଖଳା, ସହନଶୀଳତା ଏବଂ ନେତୃତ୍ୱରେ ତାଲିମ ଦିଆଯାଇଛି। ଏକାଡେମୀ ମୋତେ ଜାତୀୟ ଏବଂ ଅ'ର୍ଜାତୀୟ ସ୍ତରରେ ପ୍ରତିଯୋଗିତା କରିବାର ଆତ୍ମବିଶ୍ୱାସ ଦେଇଛି। ମୁଁ ପ୍ରତ୍ୟେକ ଥର ପଡ଼ିଆକୁ ଓହ୍ଲାଇବା ସମୟରେ ଏଠାରେ ଶିଖିଥିବା ସମସ୍ତ ଜିନିଷକୁ ସାଙ୍ଗରେ ନେଇଯାଏ, ଏବଂ ଗୋଆ ଏବଂ ଭାରତରେ ମହିଳା ଫୁଟବଲର ଉନ୍ନତି ପାଇଁ ପ୍ରତିବଦ୍ଧ ଏକ ଅନୁଷ୍ଠାନର ଅଂଶ ହୋଇଥିବାରୁ ମୁଁ କୃତଜ୍ଞ।'

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଲେରନାଥନ - ୫.୦ ଉଦ୍‌ଘାଟନ

**ଗୁଣୁପୁର, ୩୦।୮ (ନି.ପ୍ର):** ସ୍ଥାନୀୟ ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟ ପରିସର ମେଗା ଅଡିଟୋରିଅମରେ ବିଶ୍ୱବିଦ୍ୟାଳୟର ଇନ୍କୁବେଟେକ୍ସ ଇନୋଭେସନ ଫାଉଣ୍ଡେସନ ଏବଂ କ୍ୱାଲିଟୀ ଥଟ୍ ଫୁଚୋର ସ୍କିଲସ ଫାଉଣ୍ଡେସନ ମିଳିତ ସହଯୋଗରେ ଲେରନାଥନ -୫.୦ ଉଦଘାଟନ ହୋଇଯାଇଛି। ଏହି ଉଦ୍ଘାଟନୀ ଉତ୍ସବରେ ଅତିଥି ଭାବେ କୋଇଗି ନାଇଟ ଏଡୁ ଟେକ୍ ସର୍ଭିସେସ ପ୍ରାଇଭେଟ୍ ଲିମିଟେଡ ଏବଂ କ୍ୱାଲିଟୀ ଥଟ୍ ଫୁଚୋର ସ୍କିଲସ ଫାଉଣ୍ଡେସନର ନିର୍ଦ୍ଦେଶକ କ୍ରିସ୍ ଚିନ୍ତାଲାଲୁରି

ଯୋଗ ଦେଇ ଅର୍ଟିଫିସିଆଲ ଇଣ୍ଟେଲଜେନ୍ସ ଓ ମେସିନ୍ ଲର୍ଣିଂ ବିଷୟ ରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ବାୟୋ ରେଡ୍ ଲେବ ର ସିନିୟର୍ ପ୍ରୋଗ୍ରାମ ମ୍ୟାନେଜର ବାଲା ୟେଲାପନ୍ତୁଲା, ହେଚ୍ ସି ଏଲ ଟେକ୍ନୋଲୋଜି ର ସିନିୟର୍ ଅର୍କିଟେକ ରବି କିଶୋର, ରିସପୋଷ୍ଟା ସଫ୍ଟୱେରର ଇଞ୍ଜିନିଅରିଂ ଗ୍ରୁପ୍ ମ୍ୟାନେଜର କୃଷ୍ଣାମ ରାଜୁ, ବି ଏସ ଏନ୍ ଏଲ ର ଡେପୁଟୀ ଜେନେରାଲ ମ୍ୟାନେଜର ଡ. ଏମ୍ ସତ୍ୟା ପ୍ରସାଦ, ମେଡିକଭର୍ ହସ୍ପିଟାଲ ଡି ଜି ଏମ୍ କମ୍ପାନୀ ରିଲେଶନ ର ସାଇଲଜା କୋଟା, ବିଶାଖାପାଟଣା ର ଟି ସି ଏସ ର ସେଣ୍ଟର୍ ମୁଖ୍ୟ ଡ ରାମାରାଜୁ ପୋଷପତି, ବିଶ୍ୱବିଦ୍ୟାଳୟ ପ୍ରୋ ଭାଇସ ଚାନ୍‌ସେଲର ଡ ବି କେ ତ୍ରିପାଠୀ ପ୍ରମୁଖ ମଞ୍ଚାସିନ ରହି ବର୍ତ୍ତମାନର ପ୍ରଯୁକ୍ତି ବିଦ୍ୟାର ସଦୁପଯୋଗ କରି ସମାଜର କଲ୍ୟାଣ ଦିଗରେ କାମ କରିବା ପାଇଁ କହିଥିଲେ। ଏହି କର୍ମଶାଳା ୨୭ ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଚାଲୁରହିବ। ଏହି ଚାରି ଦିନ ବିଶ୍ୱବିଦ୍ୟାଳୟ ଇଞ୍ଜିନିଅରିଂ ବିଭାଗର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ମଡେଲ ଏବଂ ଉପସ୍ଥାପନ ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିବେ। ଅନୁଷ୍ଠାନର ରେଜିଷ୍ଟ୍ରାର ଡ ଏନ ଭି ଜେ ରାଓ, ଅଧ୍ୟାପକ,ଅଧ୍ୟାପିକା, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗର ମୁଖ୍ୟ ଡ ଶିବ ପ୍ରସାଦ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ ଡି ଅନିଲ କୁମାର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ ରାଘେବନ୍ଦ୍ର କୁମାର ସହଯୋଗ କରିଥିଲେ।




# ନୁଭୋକୋ ଉତ୍କୃଷ୍ଟ ଶିଖର ୨୦୨୬ ମାଧ୍ୟମରେ ଚ୍ୟାନେଲ୍ ପାର୍ଟନରମାନଙ୍କୁ ସମ୍ମାନିତ

**ଭୁବନେଶ୍ୱର, ୩୦।୮ (ନି.ପ୍ର) :** ନୁଭୋକୋ ଭିଷ୍ଟାସ୍ କର୍ପ ଲିମିଟେଡ୍, ପକ୍ଷରୁ ନିଜର ବାର୍ଷିକ ଡିଲର ସମ୍ମିଳନୀ ତଥା ପ୍ରମୁଖ ପୁରସ୍କାର ଓ ସ୍ୱୀକୃତି ମଂଚ 'ନୁଭୋକୋ ଉତ୍କୃଷ୍ଟ ଶିଖର ୨୦୨୬' ମାଧ୍ୟମରେ ନିଜର ଚ୍ୟାନେଲ୍ ପାର୍ଟନରମାନଙ୍କ ଅବଦାନ ଏବଂ ସହଯୋଗିତାକୁ ଉତ୍ସବ ଭାବରେ ପାଳନ କରିଛି। ୧୫ ଅଗଷ୍ଟରୁ ୨୦ ଅଗଷ୍ଟ, ୨୦୨୬ ମଧ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଉତର-ପୂର୍ବାଂଚଳ, ବିହାର ଓ ପୂର୍ବ ଉତର ପ୍ରଦେଶ ଏବଂ ଛତିଶଗଡ଼ ଓ ପୂର୍ବ ମଧ୍ୟପ୍ରଦେଶ ଭଳି ପୂର୍ବାଂଚଳର ୧,୮୦୦ ରୁ ଅଧିକ ଚ୍ୟାନେଲ୍ ପାର୍ଟନର ଏକାଠି ହୋଇଥିଲେ। ନୁଭୋକୋ ଭିଷ୍ଟାସ୍ କର୍ପ ଲିମିଟେଡର ମାର୍କେଟିଂ, ଇନୋଭେସନ୍ ଏବଂ ସେଲ୍ସ ଏକ୍ସିଲେନ୍ସ ମୁଖ୍ୟ ଚିରାଗ ଶାହ କହିଛନ୍ତି, 'ଆମର ଚ୍ୟାନେଲ୍ ପାର୍ଟନରମାନେ ନୁଭୋକୋର ଅଭିବୃଦ୍ଧି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଆସିଛନ୍ତି, ଯାହା ଆମ ବ୍ରାଣ୍ଡଗୁଡ଼ିକୁ ମଜବୁତ କରିବାରେ, ବଜାରରେ ଉପସ୍ଥିତି ବଢ଼ାଇବାରେ ଏବଂ ଗ୍ରାହକଙ୍କ ସହିତ ସ୍ଥାୟୀ ସମ୍ପର୍କ ଗଢ଼ିବାରେ ଆମକୁ ସାହାଯ୍ୟ କରିଛି। ନୁଭୋକୋ ଭିଷ୍ଟାସ୍ କର୍ପ ଲିମିଟେଡର ସେଲ୍ସ (ପୂର୍ବ) ମୁଖ୍ୟ ନିହାର ପରିଡ଼ା କହିଛନ୍ତି, 'ନୁଭୋକୋର ବଜାର ଉପସ୍ଥିତିକୁ ମଜବୁତ କରିବାରେ ଆମର ଚ୍ୟାନେଲ୍ ପାର୍ଟନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ସ୍ଥାନୀୟ ବଜାର ଏବଂ ଗ୍ରାହକଙ୍କ ଆବଶ୍ୟକତା ଉପରେ ସେମାନଙ୍କର ଗଭୀର ବୁଝାମଣା ଆମକୁ ଆମର ପହଂଚ ବୃଦ୍ଧି କରିବାରେ ଏବଂ ପ୍ରମୁଖ ବଜାରଗୁଡ଼ିକରେ ଆଗକୁ ବଢ଼ିବାରେ ସାହାଯ୍ୟ କରିଛି। ଏହାକୁ ଆହୁରି ସମାବେଶୀ ଓ ପାରିବାରିକ ରୂପ ଦେବା ପାଇଁ 'ନୁଭୋକୋ ଉତ୍କୃଷ୍ଟ ସବସେ ଖାସ୍ ଯୋଡ଼ି' ନାମକ ଏକ ସ୍ୱତନ୍ତ୍ର ଦମ୍ପତି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପାରସ୍ପରିକ ଆଲୋଚନାମୂଳକ କାର୍ଯ୍ୟକ୍ରମରେ ଉପସ୍ଥିତ ଦମ୍ପତିମାନଙ୍କୁ ଖେଳ ଏବଂ ପ୍ରତିଯୋଗିତାରେ ଭାଗ ନେବାକୁ ଉତ୍ସାହିତ କରାଯାଇଥିଲା।

# ବେଦାନ୍ତ ଆଲୁମିନିୟମ ରକ୍ଷାବନ୍ଧନ ଅବସରରେ ସୀମାନ୍ତରେ ଯବାନଙ୍କୁ ସମ୍ମାନ ଜଣାଇବା ସହିତ ଗ୍ରାମୀଣ ମହିଳା କାରିଗରଙ୍କୁ ସଶକ୍ତ କରିଛି

**ଭୁବନେଶ୍ୱର, ୩୦।୮ (ନି.ପ୍ର):** କୃତଜ୍ଞତା, ସୁରକ୍ଷା ଓ ଏକତାର ମୂଲ୍ୟବୋଧର ପ୍ରତୀକ ରକ୍ଷାବନ୍ଧନ ପର୍ବକୁ ଅର୍ଥପୂର୍ଣ୍ଣ ଭାବରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପାଳନ କରିଛି। ଲିଗଡ଼, ଝାରସୁଗୁଡ଼ା, ବାଲ୍କୋ ଓ କୋଇଲା ଖଣି ଅଂଚଳରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ କମ୍ପାନୀ ରକ୍ଷାବନ୍ଧନର ପରମ୍ପରାକୁ ଏକ ବ୍ୟାପକ ସାମାଜିକ ବାର୍ତ୍ତାରେ ପରିଣତ କରିଛି। ଦେଶର ଦୁର୍ଗମ ସୀମାନ୍ତ ଅଂଚଳରେ କାର୍ଯ୍ୟରତ ୧,୦୦୦ରୁ ଅଧିକ ଯବାନଙ୍କ ପାଇଁ ହସ୍ତନିର୍ମିତ ରାଖି ଓ ପର୍ବ ଉପହାର ପଠାଯାଇଥିବା ବେଳେ ଗ୍ରାମୀଣ ମହିଳା କାରିଗରଙ୍କୁ ସେମାନଙ୍କ ହସ୍ତଶିଳ୍ପ ପ୍ରଦର୍ଶନର ସୁଯୋଗ ଦିଆଯାଇଛି। ଏଥିସହ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଆଗଧାଡ଼ିର କର୍ମଚାରୀଙ୍କ ଅବଦାନକୁ ମଧ୍ୟ ସମ୍ମାନିତ କରାଯାଇଛି। ଲାଞ୍ଜିଗଡ଼ରେ ରକ୍ଷାବନ୍ଧନ ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ଓ ଘରଠାରୁ ଦୂରରେ ଥିବା ଯବାନଙ୍କ ପ୍ରତି କୃତଜ୍ଞତା ଜଣାଯାଇଥିଲା। ବେଦାନ୍ତ ପକ୍ଷରୁ ୧,୦୦୦ରୁ ଅଧିକ ହସ୍ତନିର୍ମିତ ରାଖି, ପାରମ୍ପରିକ ମିଠା, ପର୍ବ ସମ୍ବନ୍ଧୀୟ ବ୍ୟାନର ଓ ସ୍ଥାନୀୟ ଭାବେ ପ୍ରସ୍ତୁତ କଳାକୃତି ଯବାନମାନଙ୍କ ପାଖକୁ ପଠାଯାଇଥିଲା। ଏହି କଳାକୃତିଗୁଡ଼ିକ ଅଂଚଳର ସମୃଦ୍ଧ ଆଦିବାସୀ କଳା ଓ ସାଂସ୍କୃତିକ ଐତିହ୍ୟର ପ୍ରତିଫଳନ ଥିଲା। ସିଆଚେନ, ସିକ୍କିମ, ଅରୁଣାଚଳ ପ୍ରଦେଶ ଓ ରାଜସ୍ଥାନ ସୀମା ଅଂଚଳରେ ନିୟୋଜିତ ଯବାନଙ୍କ ପାଖକୁ ସ୍ଥାନୀୟ ସମୁଦାୟର କୃତଜ୍ଞତା ଓ ଏକତାର ବାର୍ତ୍ତା ମଧ୍ୟ ପହଂଚାଯାଇଥିଲା। ଏହା ସହିତ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍ଏଫ), ସିକ୍ୟୁରିଟି ଇଂଟେଲିଜେନ୍ସ ସର୍ଭିସେସ୍ (ଏସଆଇଏସ) ଓ ଲିଗଡ଼ ଥାନାର ପ୍ରତିନିଧିମାନଙ୍କୁ କର୍ମଚାରୀମାନେ ରାଖି ବାନ୍ଧି ସମଗ୍ର ଅଂଚଳର ସୁରକ୍ଷା ଓ ନିରାପତା ରକ୍ଷାରେ ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, 'ରକ୍ଷାବନ୍ଧନ ସୁରକ୍ଷା, କୃତଜ୍ଞତା ଓ ସାମୁଦାୟିକ ବନ୍ଧନର ପ୍ରତୀକ ଅଟେ। ଏହି ମୂଲ୍ୟବୋଧ ଆମ ସାଂଗଠନିକ ଦର୍ଶନର ମୂଳଭିତି ମଧ୍ୟ ଅଟେ। ଚଳିତବର୍ଷ ଆମେ ଉତ୍ସବକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରି ଦୁର୍ଗମ ସୀମା'ରେ ଦେଶର ସୁରକ୍ଷା କରୁଥିବା ଆମ ସଶସ୍ତ୍ର ବାହିନୀର ଯବାନଙ୍କୁ ସମ୍ମାନ ଜଣାଇବା ସହ ସ୍ଥାନୀୟ ମହିଳା କାରିଗରଙ୍କ ପାଇଁ ଆର୍ଥିକ ସୁଯୋଗ ସୃଷ୍ଟି କରିଛୁ। ପାରମ୍ପରିକ ହସ୍ତଶିଳ୍ପକୁ ସ୍ଥାୟୀ ଜୀବିକା ସହ ଯୋଡ଼ିବା ଏବଂ ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା ସହ ସାମିଲ କରିବା ମାଧ୍ୟମରେ ଆମେ ଆମ ସହଭାଗୀ ସମୁଦାୟଗୁଡ଼ିକରେ ଦୀର୍ଘସ୍ଥାୟୀ ସାମାଜିକ ମୂଲ୍ୟ ସୃଷ୍ଟି କରିବାକୁ ଚାହୁଁଛୁ।' ଏହି ପଦକ୍ଷେପ ଦର୍ଶାଇଛି ଯେ ରକ୍ଷାବନ୍ଧନର ଭାବନା ଭୌଗୋଳିକ ଦୂରତା ଓ ପରିସ୍ଥିତିର ସୀମାକୁ ଅତିକ୍ରମ କରି ଉତର ସିକ୍କିମର ଲାଚୁଙ୍ଗରେ ନିୟୋଜିତ ଜଣେ ଭାରତୀୟ ସେନା ଅଧିକାରୀ କହିଛନ୍ତି, 'ଆମ ମଧ୍ୟରେ ମାଇଲ ମାଇଲ ଦୂରତା ଥାଇପାରେ ଏବଂ ଚାରିପଟେ ବରଫ ଥାଇପାରେ, କିନ୍ତୁ ରାଖିର ବନ୍ଧନ କୌଣସି ଦୂରତାକୁ ମାନେ ନାହିଁ। ବରଫାଚ୍ଛାଦିତ ଲାଚୁଙ୍ଗ ପର୍ବତରେ ଦେଶର ସୁରକ୍ଷା କରୁଥିବା ଯବାନଙ୍କୁ ମନେ ରଖିଥିବାରୁ ବେଦାନ୍ତକୁ ଆମେ ଧନ୍ୟବାଦ ଜଣାଉଛୁ।' ରାଜସ୍ଥାନ ସୀମାରେ ନିୟୋଜିତ ଜଣେ ଭାରତୀୟ ସେନା ଯବାନ କହିଛନ୍ତି, 'ଦୁର୍ଗମ ଅଂଚଳରେ ଦେଶର ସୁରକ୍ଷା ପାଇଁ ଠିଆ ହୋଇଥିବା ଜଣେ ଯବାନଙ୍କ ପାଇଁ ରାଖି ଜଣେ ଭଉଣୀର ଭଲପାଇବା, ଆଶୀର୍ବାଦ ଓ ଭାବନାକୁ ବହନ କରେ। ଲିଗଡ଼ରେ କେହି ଜଣେ ଦୂରଦୂରାନ୍ତରେ ଦେଶ ସେବା କରୁଥିବା ଜଣେ ଯବାନଙ୍କୁ ମନେ ପକାଉଛନ୍ତି–ଏହି ଅନୁଭବ ଅତ୍ୟନ୍ତ ଭାବପ୍ରବଣ ଏବଂ ଦେଶ ସେବା ପାଇଁ ଆମର ପ୍ରେରଣାକୁ ଆହୁରି ଦୃଢ଼ କରିଛି।' ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀ ଉଦ୍ୟୋଗିନୀ ଓ ପ୍ରୋଜେକ୍ଟ ବେଦକଳା ମାଧ୍ୟମରେ ମହିଳା ଉଦ୍ୟୋଗିତା, ସ୍ଥାୟୀ ଜୀବିକା ଓ ପରିବେଶ ଅନୁକୂଳ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେଇଥିଲା। ଏହି ପ୍ରକଳ୍ପ ସହ ଜଡ଼ିତ ମହିଳା କାରିଗରମାନେ ଝୋଟ, କଏର ଓ ପୁନଃବ୍ୟବହାର ଯୋଗ୍ୟ ସାମଗ୍ରୀରୁ ପ୍ରସ୍ତୁତ ବିଭିନ୍ନ ହସ୍ତନିର୍ମିତ ରାଖି ପ୍ରଦର୍ଶନ କରିଥିଲେ। ପାରମ୍ପରିକ କାରିଗରୀକୁ ଆଧୁନିକ ପରିବେଶ ସଚେତନତା ସହ ଯୋଡ଼ି ଏହି ପଦକ୍ଷେପ ମହିଳା କାରିଗରଙ୍କୁ ସେମାନଙ୍କ ସୃଜନଶୀଳତା ପ୍ରଦର୍ଶନ ପାଇଁ ମଂଚ ଦେବା ସହିତ ପରିବେଶ ଅନୁକୂଳ ଭାବେ ପର୍ବ ପାଳନ ପାଇଁ ଲୋକଙ୍କୁ ଉତ୍ସାହିତ କରିଥିଲା। ବାଲ୍କୋରେ ରକ୍ଷାବନ୍ଧନ ପରସ୍ପର ସମ୍ମାନ ଓ କୃତଜ୍ଞତାର ବନ୍ଧନକୁ ସୁଦୃଢ଼ କରିବାର ଅବସର ପାଲଟିଥିଲା। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ବରିଷ୍ଠ ପରିଚାଳନା ସଦସ୍ୟଙ୍କ ସମେତ ଅଗ୍ନିଶମ, ସୁରକ୍ଷା ଓ ନିରାପତା ଟିମର ପ୍ରତିନିଧିମାନଙ୍କୁ ରାଖି ବାନ୍ଧିଥିଲେ। ଏହା ମାଧ୍ୟମରେ ସେମାନଙ୍କ ଅବଦାନକୁ ପ୍ରସଂସା କରାଯାଇଥିଲା। ବେଦାନ୍ତ ଆଲୁମିନିୟମର ବିଭିନ୍ନ କୋଇଲା ଖଣିରେ ମଧ୍ୟ ସାମୁଦାୟିକ ଏକତା ଓ ପରିବେଶ ସଚେତନତାକୁ କେନ୍ଦ୍ର କରି ରକ୍ଷାବନ୍ଧନ ପାଳନ କରାଯାଇଥିଲା। ଜାମଖାଣି କୋଇଲା ଖଣିରେ ଓମ୍ ଶାନ୍ତି ବ୍ରହ୍ମାକୁମାରୀଜଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମଚାରୀ, ଅଂଶୀଦାର ଓ ସମୁଦାୟ ସଦସ୍ୟମାନେ ଯୋଗଦେଇ ସମନ୍ୱୟ ଓ ପରସ୍ପର ସମ୍ମାନର ବାର୍ତ୍ତା ଦେଇଥିଲେ।



## ସ୍ୱାୟତଶାସନ ଦିବସ ପାଳନ-୨୦୨୬

## ଜଗତସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

### ନିବେଦନ

- ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ଏକ ସେସ୍ ପୋଲ ଗାଡି ରହିଛି ଟୋଲ ଟୋଲଫ୍ରି ନଂ୧୪୪୨୦ରେ ଯୋଗାଯୋଗ କରି ଏହି ସେବାର ସଠିକ୍ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ।
- ପରିଷଦ ଦେୟ ନିର୍ଦ୍ଧାରିତ ସମୟରେ ପୈଠ କରନ୍ତୁ।
- ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନ୍‌କୁ ବେଆଇନ୍ ଭାବେ ଅବରୋଧ କରନ୍ତୁ ନାହିଁ।
- ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବ୍ୟାଟେରୀ ଚାଳିତ ଦୈନଦିନ ଦିଅନ୍ତୁ।
- କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ।
- ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଅନ୍‌ଲାଇନ୍ ମାଧ୍ୟମରେ www.sujog.odisha.gov.in ପୋର୍ଟାଲରେ ଆବେଦନ କରି ପୌର ପରିଷଦରୁ ଅନୁମତି ନିଅନ୍ତୁ।
- ପଲିଥିନ୍ ବର୍ଜନ କରନ୍ତୁ ଏବଂ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ସାମିଲ ହୁଅନ୍ତୁ।
- ଅଦରକାରୀ ଇଲେକ୍‌ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ପ୍ରତ୍ୟେକ ଶନିବାର ଦିନ ପୌର ପରିଷଦ ଗାଡିରେ ଦିଅନ୍ତୁ।
- ଛୋଟ/ବଡ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟ ପ୍ରମାଣ ପତ୍ର ଅନଲାଇନ ମାଧ୍ୟମରେ www.sujog.odisha.gov.in ପୋର୍ଟାଲ ରେ ଆବେଦନ କରି ପୌର ପରିଷଦରୁ ଟ୍ରେଡ଼ ଲାଇସେନ୍ସ କରାଇ ନିଅନ୍ତୁ।

**ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ**

**ଇଂ ସନ୍ଦୀପ ସିଂ (ଓ.ଏ.ଏସ୍)**
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଜଗତସିଂହପୁର

**ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ**
ଉପାଧ୍ୟକ୍ଷ

**ଶ୍ରୀମତୀ ଅର୍ଚ୍ଚନା ସିଂହ**
ଅଧକ୍ଷା
ପୌର ପରିଷଦ,
ଜଗତସିଂହପୁର

ଏବଂ ସମସ୍ତ ପରିଷଦ ବୃନ୍ଦ, ଜଗତସିଂହପୁର

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୨୬ ଅବସରରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରତ୍ୟେକ ଅଧାବାସୀଙ୍କୁ ଆନ୍ତରିକ ସୁବେଚ୍ଛା ଜଣାଉଅଛୁ । ଶାନ୍ତି, ମୈତ୍ରୀ, ଭାଇଚାରାର ବାର୍ତ୍ତା ବାହକ ସାଜିଥିବା ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ସ୍ୱଚ୍ଛ, ସବୁଜ, ସୁନ୍ଦର , ଖୋଲା ଶୌଚ ମୁକ୍ତ, ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ରଖୁ ପରିଷଦର ମୂଳ ଲକ୍ଷ। ଆପଣଙ୍କ ପ୍ରତ୍ୟେକ ସମସ୍ୟାର ସମାଧାନ କରିବା ଆମର ପ୍ରଥମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ପରିଷଦର ପ୍ରତ୍ୟେକ ସହରବାସୀଙ୍କୁ ଆମର ବିନମ୍ର ଅନୁରୋଧ ପରିଷଦର ସମସ୍ତ କାର୍ଯ୍ୟରେ ସହଯୋଗ କରନ୍ତୁ ଏବଂ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ମଧ ସଚେତନ କରାନ୍ତୁ ଯଦ୍ୱାରା ଆଗାମୀ ଦିନରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ଆହୁରି ସୁନ୍ଦର ଓ ସମୃଦ୍ଧିର ସହର ହୋଇପାରିବ ।

### ସଚେତନ ବାର୍ତ୍ତା:-

୧. Swachh Survekshan - ୨୦୨୬ ଅଭିଯାନରେ ନିଜକୁ ନିୟୋଜିତ କରି ଆମ ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖନ୍ତୁ ଏବଂ ନିୟମିତ ପାଇଖାନା ବ୍ୟବହାର କରନ୍ତୁ ।ଦୈନିକ ବର୍ଜ୍ୟବସ୍ତୁ ସଂଗ୍ରହ କରି ପରିଷଦର ସଫେଇ ଗାଡିରେ ଦିଅନ୍ତୁ । ଭଙ୍ଗା । ଟିଭି, କମ୍ପୁଟର, ଫ୍ରିଜ ଆଦି e-Waste ଗୁଡିକୁ ପରିଷଦର ବୁଲୁଥିବା D/D BOV ଗାଡିରେ ଦିଅନ୍ତୁ ।
୨. ରାସ୍ତାକଡ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ ରୁହନ୍ତୁ ଓ ପରିଷଦର ବିନା ଅନୁମତି ରେ ନୂତନ ଗୃହ କରନ୍ତୁ ନାହିଁ ।
୩. ଗଞ୍ଜାମ ଏନଏସି ର ପ୍ରତ୍ୟେକ ବ୍ୟବସାୟୀ ପରିଷଦ ଠାରୁ ନିଜର ଟ୍ରେଡ ଲାଇସେନ୍ସ (Trade License) କରାଇ ନିଅନ୍ତୁ ।
୪. ପୌର ପରିଷଦର e-Website ଏବଂ Social media Pages କୁ ଅନୁସରଣ କରନ୍ତୁ ।
୫. ମୋ ଖତ (ଜୈବିକ ଖତ) ମାତ୍ର ୧୦/- ଟଙ୍କାରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉପଲବ୍ଧ । ଇଚ୍ଛୁକ ବ୍ୟକ୍ତିମାନେ ଯୋଗାଯୋଗ କରିପାରିବେ ।

**ଆମ ପରିଷଦ ବିକଶିତ ପଥରେ..**



**ଶ୍ରୀମତୀ ଅପର୍ଣ୍ଣା ଡାଙ୍ଗୁଆ**
ଓ. ପ୍ର. ସେ
କାର୍ଯ୍ୟ ନିର୍ବାହୀ ଅଧିକାରୀ



**ଶ୍ରୀମତୀ ପ୍ରତିଭା ପାଢୀ**
ଅଧକ୍ଷା

**ଆମ ସହର, ଆମ ଶାସନ, ଆମ ଉନ୍ନତି**

## ସାୟତ୍ତ ଶାସନ ଦିବସ ସମାରୋହ ୨୦୨୬ ରାଉରକେଲା

ମହାଶୟା/ମହାଶୟ,

ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ସମସ୍ତ ରାଉରକେଲାବାସିଙ୍କୁ ରାଉରକେଲା ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ସ୍ୱାୟତ୍ତ ଶାସନ ଦିବସ-ଜନସେବା, ଜନସହଭାଗିତା ଓ ସଶକ୍ତ ସ୍ଥାନୀୟ ଶାସନର ଉତ୍ସବ । ଲୋକଙ୍କ ନିକଟରେ ଉନ୍ନୟନ ଓ ଜନସେବା ପହଞ୍ଚାଇବା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ସୁସଂଗଠିତ ସହର ଗଠନରେ ରାଉରକେଲା ମହାନଗର ନିଗମ ସର୍ବଦାନିଷ୍ଠାପର ଭାବେ ନିୟୋଜିତ ହୋଇ ରହିଛି ।

ଏହି ଅବସରରେ ସମସ୍ତେ ନିଜ ନିଜ ଦାୟିତ୍ୱକୁ ସଚେତନତାର ସହ ପାଳନ କରିବା ସହ ଅବୈଧ ଜବର ଦଖଲ ନିରାକରଣ, ବର୍ଜ୍ୟବସ୍ତୁ ପୃଥକୀକରଣ, ପ୍ଲାଷ୍ଟିକ ଓ ପଲିଥନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ, ସେପ୍‌ଟିକ୍ ଟାଙ୍କିର ଆଇନଗତ ଓ ସୁରକ୍ଷିତ ସଫେଇକୁ ଅନୁସରଣ କରି ସହରର ବିକାଶ ଓ ସ୍ୱଚ୍ଛାରେ ସହଭାଗୀ ହେବାପାଇଁ ପ୍ରତିଜ୍ଞା ବଦ୍ଧହେବା ।

ଏହି ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଓ ପୌର ପ୍ରଶାସନର ସମନ୍ୱିତ ପ୍ରୟାସ ମାଧ୍ୟମରେ ଏକ ସ୍ୱଚ୍ଛ, ସୁନ୍ଦର, ସୁରକ୍ଷିତ ଓ ବିକଶିତ ସହର ଗଠନ ଆମ ସମସ୍ତଙ୍କର ଲକ୍ଷ୍ୟ ଓ ସଂକଳ୍ପ ହେଉ ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋପାଳପୁର

### ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା

- ଆମ ସହରକୁ ଆମେ ଗଢିବା ଓ ସୁନ୍ଦର ରଖିବା।
- ପରିଷଦର ଟିକସ ଠିକ ସମୟରେ ପୈଠ କରି ପରିଷଦର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବା ।
- ସମୁଦ୍ରରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।
- ପରିବେଶ ଓ ସମୁଦ୍ର କୂଳକୁ ସର୍ବଦା ସଫାସୁତୁରା ରଖନ୍ତୁ ।
- ପଲିଥିନ ବ୍ୟବହାର କରିବା ନାହିଁ ।
- ଖୋଲାରେ ଶୌଚ କରନ୍ତୁ ନାହିଁ ଓ ଶୌଚାଳୟ ବ୍ୟବହାର କରନ୍ତୁ ।
- ଉପଭୋକ୍ତା ଦେୟ ଏବଂ ବ୍ୟବସାୟିକ ଅନୁଷ୍ଠାନ ପାଇଁ ଅନୁମତି ଦେୟ ପରିଷଦକୁ ପୈଠ କରନ୍ତୁ।



**ଶ୍ରୀ ଏ ଜାନକୀ ରାମ**
ଅଧ୍ୟକ୍ଷ



**ଶ୍ରୀମତୀ ବି. ଉମା**
ଉପାଧ୍ୟକ୍ଷା



**ଶ୍ରୀ ମନୋଜ କୁମାର ନାହାକ**
ନିର୍ବାହୀ ଅଧିକାରୀ

**- ସଭ୍ୟ ସଭ୍ୟା ବୃନ୍ଦ -**

| | | |
|---|---|---|
| ଶ୍ରୀ ଏସ. ବିରେନ କୁମାର | ଶ୍ରୀମତୀ ନିର୍ମଳା କୁଜୁର | ଶ୍ରୀ ଜି. ମୋହନ ରାଓ |
| କୁମାରୀ ରତନି କୁମାରୀ ନାୟକ | ଶ୍ରୀମତୀ କଳ୍ପନା ବେହେରା | ଶ୍ରୀମତୀ ସୁନିତା ସାହୁ |
| ଶ୍ରୀ ଜି. ମୋହନ ରାଓ | ଶ୍ରୀମତୀ ଏମ କାମେଶ୍ୱରୀ | ଶ୍ରୀ କେ. କାଲେଶୁ |

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି, ଜିଲ୍ଲା: ଗଞ୍ଜାମ

ଦୈନିକ ଖବର କାଗଜ ମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।

**ପରିଷଦ ତରଫରୁ ଆମର ସଂଙ୍କଳ୍ପ**

୧. ଠିକ ସମୟରେ ପରିଷଦର ସମସ୍ତ ଟିକସ ପଇଠ କରନ୍ତୁ ।
୨. ବିଜୁ ଆଦର୍ଶ କଲୋନୀ ମାଧ୍ୟମରେ ସମସ୍ତ ବସ୍ତି ବାସିନ୍ଦା ନିମନ୍ତେ ବାସପଯୋଗୀ ସୁନ୍ଦର କଲୋନୀ ସ୍ଥାପିତ କରାଯାଇଛି ।
୩. ଅତ୍ୟାଧୁନିକ ଏବଂ ସୁନ୍ଦର ଶ୍ମଶାନ ରୂପାନ୍ତିକରଣ ।
୪. ଆବାସ ଯୋଜନାରେ ବାସହୀନ ପରିବାରମାନଙ୍କୁ ବାସଗୃହ ପ୍ରଦାନ କରାଯିବା ।
୫. ସମସ୍ତ ରାସ୍ତାର ଏଲିଡି ଲାଇଟ ଦ୍ୱାରା ଆଲୋକିକରଣ କରାଯାଇଅଛି ।
୬. ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଉଟି କଲ୍ୟାଣ କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା,ବିଧବା ଭତ୍ତା,ବିକଳାଙ୍ଗ ଭତ୍ତା ବଣ୍ଟନ କରାଯାଇଅଛି ।
୭. ଗାଇ ଗୋରୁ ଓ ଗୃହପାଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ।
୮. ଗ୍ରୀନ ସିଟି ମିଶନରେ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରପଣ କାର୍ଯ୍ୟ କରାଯାଇଅଛି ।
୯. ଅଳିଆ ଆବର୍ଜନା ପଡୁଥିବା ସ୍ଥାନଙ୍କୁ ସୁନ୍ଦର ଏବଂ ମନୋରମ ସେଲଫୀ ପଏଣ୍ଟ (Selfie Point)ପରିବର୍ତିତ କରାଯାଇଅଛି ।
୧୦. ଘରୁ ବାହାରୁ ଥିବା ଅଳିଆ ଆବର୍ଜନା ଗୁଡିକୁ ଏମସିସି,ଏମଆରଏଫ (MCC, MRF) ପ୍ରଣାଳୀରେ ମୋ ଖତ ପ୍ରସ୍ତୁତ କରାଯାଇ ବହୁ ମାତ୍ରାରେ ଜନ ଆଦୃତ ହୋଇ ପାରୁଅଛି ।
୧୧. ବହୁ ମାତ୍ରାରେ ସଫା ଆପ୍ (Safa App) ବ୍ୟବହାର କରି ସେସପୁଲ ଗାଡି, ପାଣି ଟ୍ୟାଙ୍କର ଏବଂ କଲ୍ୟାଣ ମଣ୍ଡପର ସୁବିଧା ଦିଆଯାଉଅଛି ।
୧୨. ଓଦା ଏବଂ ଶୁଖିଲା ଆବର୍ଜନାକୁ ପୃଥକ ପୃଥକ କରି ଅଳିଆ ଗାଡିରେ ଅଳିଆ ପକାଇବା ଓ ମିଳିମିଶି ଆମସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢ଼ି ତୋଳିବା।
୧୩.ପୋଖରୀ ଗୁଡିକର ପୁନରୁଦ୍ଧାର କରାଯାଇ ରୂପାନ୍ତିକରଣ କରାଯାଇଛି। ସହରର ସମସ୍ତ ଜନସାଧାରଣ ପରିଷଦର ବିକାଶରେ ସହଯୋଗ କରିବା ଏକାନ୍ତ କାମ୍ୟ ।

**'ସ୍ୱଚ୍ଛ କର୍ମୀଙ୍କ ମୁହଁରେ ଆଣିଛି ହସ, ଚିକିଟିକୁ ସ୍ୱଚ୍ଛ ରଖୁବା ଆମର ପ୍ରୟାସ'।**

'ସ୍ୱଚ୍ଛ ଗଞ୍ଜାମ ସୁସ୍ଥ ଗଞ୍ଜାମ
ସ୍ୱଚ୍ଛ ଚିକିଟୀ ସୁସ୍ଥ ଚିକିଟୀ'

ସ୍ୱା/-
**ଶ୍ରୀଯୁକ୍ତ ହର ପ୍ରସାଦ ଚୌଧୁରୀ**
ଉପ ନଗରପାଳ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟୀ

ସ୍ୱା/-
**ଶ୍ରୀମତି ଦୀପା କୁମାରୀ ସାହୁ**
ନଗରପାଳିକା
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟୀ

ସ୍ୱା/-
**ଶ୍ରୀ ସିଦ୍ଧାର୍ଥ ସୋରେନ**
କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି

### ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬ ଅବସରରେ ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

13001/1694/2627

ସ୍ୱଚ୍ଛ ସୁସ୍ଥ, ସୁନ୍ଦର ଓ ବିକଶିତ ସହର ଗଠନ କେବଳ ପୌର ପରିଷଦର ଦାୟିତ୍ୱ ନୁହେଁ; ଏଥିପାଇଁ ପ୍ରଶାସନ ସହିତ ପ୍ରତ୍ୟେକ ନାଗରିକଙ୍କର ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ। ଏହି ଦିଗରେ ଖୋରଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଆବର୍ଜନା ପରିଚାଳନା, ରାସ୍ତାଘାଟର ପରିଚ୍ଛନ୍ନତା, ନାଗରିକ ସେବା ଓ ସହରର ସାମଗ୍ରିକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ ।

ଖୋରଧା ହେଉଛି ଓଡ଼ିଶାର ଐତିହ୍ୟ, ସ୍ୱାଭିମାନ ଓ ଗୌରବର ଏକ ଅନନ୍ୟ ପରିଚୟ । ଏହି ଐତିହାସିକ ସହରକୁ ଆଧୁନିକ ନାଗରିକ ସୁବିଧା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର, ପରିବେଶବନ୍ଧୁ ଓ ଆଦର୍ଶ ସହର ଭାବେ ଗଢ଼ି ତୋଳିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ।

ପୌର ପରିଷଦର ସ୍ୱଚ୍ଛତା କର୍ମୀମାନେ ପ୍ରତିଦିନ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହିତ ସମ୍ପାଦନ କରି ସହରକୁ ପରିଷ୍କାର ରଖିବାରେ ଯେଉଁ ଅବଦାନ ରଖୁଛନ୍ତି, ସେଥ ?ପାଇଁ ସେମାନେ ବିଶେଷ ପ୍ରଶଂସା ଓ ସମ୍ମାନର ଅଧିକାରୀ। ସେହିପରି ପୌର ପରିଷଦର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି ଓ ସଚେତନ ନାଗରିକଙ୍କ ମିଳିତ ପ୍ରୟାସ ହିଁ ଖୋରଧାକୁ ଆହୁରି ଆଗକୁ ନେଇପାରିବ ।

ଆଜିର ସଫଳତା ଆସନ୍ତାକାଲିର ବଡ଼ ସଫଳତା ପାଇଁ ପ୍ରେରଣା ଦାୟକ ହେଉ । ଖୋରଧା ପୌର ପରିଷଦ ଆଗାମୀ ଦିନରେ ନାଗରିକଙ୍କୁ ଆହୁରି ଉତ୍ତମ, ସ୍ୱଚ୍ଛ, ପାରଦର୍ଶୀ ଓ ଦାୟିତ୍ୱଶୀଳ ପୌର ସେବା ପ୍ରଦାନ କରିବା ସହିତ ସହରର ସର୍ବାଙ୍ଗୀନ ବିକାଶରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରୁ—ଏହା ହିଁ ଆମର ଆନ୍ତରିକ କାମନା ।

ଖୋରଧା ପୌର ପରିଷଦର ସମସ୍ତ ପ୍ରୟାସ ସଫଳ ହେଉ, ଖୋର୍ଦ୍ଧା ସହର ଆହୁରି ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ହେଉ—ଏହି ଶୁଭକାମନା ସହିତ ପୌର ପରିଷଦ ପକ୍ଷରୁ ପୁନର୍ବାର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**" ସ୍ୱଚ୍ଛ ଖୋରଧା ସୁନ୍ଦର ଖୋରଧା ସମୃଦ୍ଧ ଖୋରଧା**

**କାବେରୀ ମୁଦୁଲି, (ଓ.ପ୍ର.ସେ. )**
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା

**ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି**
ପୌରାଧକ୍ଷା
ପୌର ପରିଷଦ, ଖୋରଧା

**ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧକ୍ଷ**
ଓ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା

OIPR-13001/13082/1/26-27/0007

## ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା,ଗଞ୍ଜାମ

ଦୁରଭାଷ ୦୬୮୧୦-୨୯୧୩୩୫ ଇମେଲ -nackodala@gmail.com

### ବିଜ୍ଞାପନ

ପବିତ୍ର ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଅବସରରେ କୋଦଳା ଏନ. ଏ. ସି. ସହର ବାସୀଙ୍କର ସୁଖ ସମୃଦ୍ଧି କାମନା କରିବା ସହ ଆମ ଏନ. ଏ. ସି କୁ ଏବଂ ସବୁଜ, ସୁନ୍ଦର ଓ ସର୍ବାଙ୍ଗୀନ ଉନ୍ନତି ସମ୍ପନ୍ନ ସହରରେ ପରିଣତ କରିବାକୁ ସବିନୟ ଅନୁରୋଧ କରୁଅଛି ।

### ନିବେଦକ

୧. ପରିଷଦର ରାସ୍ତା ,ନାଳକୁ ଅବରୋଧ କରନ୍ତୁ ନାହିଁ ଏବଂ ପରିଷଦର ଟିକସ ଠିକ ସମୟରେ ପୈଠ କରନ୍ତୁ ।
୨. ନିଜ ଘରର ଆଳିଆକୁ ପୃଥକି କରଣ କରି ପ୍ରଦାନ କରନ୍ତୁ ।
୩. ବୁଲା ଗୋରୁଗାଈମାନଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ ଘରେ ବାନ୍ଧି ରଖନ୍ତୁ ।

### ଆମର ସଂକଳ୍ପ

୧. ଖୁବ ଶୀଘ୍ର ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ।
୨. ହଜ ବନ୍ଧର ଉନ୍ନତିକରଣ ସହ ବୋଟିଂ ବ୍ୟବସ୍ଥା ।
୩. ମୁଖ୍ୟ ରାସ୍ତାର ପ୍ରସସ୍ଥି କରଣ ସହ ଅନେକ କିଛି ।

**ସୂର୍ଯ୍ୟ ନାରାୟଣ ନାୟକ**
ଅଧକ୍ଷ ଓ
ସମସ୍ତ ପାରିଷଦ ବୃନ୍ଦ ।

ସ୍ୱଚ୍ଛ ଭାରତ
ଏକ କଦମ ସ୍ୱଚ୍ଛତା କୀ ଓର
N.A.C. Digapahandi, Gm.

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି, ଗଞ୍ଜାମ

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପୈଠ କରନ୍ତୁ ।
୨. ପଲିଥିନର ବ୍ୟବହାରରୁ ନିବୃତ ରହନ୍ତୁ ।
୩. ପରିଷଦର ବିନାନୁମତିରେ ନୂତନ ଗୃହ ନିର୍ମାଣକରନ୍ତୁ ନାହିଁ । ଗୃହ ନକ୍ସା (Building Plan) ଅନୁମୋଦନ କରି ଗୃହ ନିର୍ମାଣ କରନ୍ତୁ । ଗୃହ ନକ୍ସା (Building Plan), ସମ୍ପତି ଟିକସ (Property Tax), ବାଣିଜ୍ୟ ଲାଇସେନ୍ସ (Trade Licence), ବିବାହ ପଞ୍ଜିକରଣ (Marriage Registration) ଇତ୍ୟାଦି ସେବା ପାଇବା ନିମନ୍ତେ ସୁଯୋଗ ପୋର୍ଟାଲ www.sujog.odisha.gov.in ମାଧ୍ୟମରେ ଆବେଦନ କରନ୍ତୁ ।
୪. ନାଳ ନର୍ଦ୍ଦମାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ପରିମଳ କାର୍ଯ୍ୟକ୍ରମକୁ ସୁଦୃଢ ନିମନ୍ତେ ଦୁଇଟି ଡଷ୍ଟବିନ୍ ଠିକ୍ ଭାବେ ବ୍ୟବହାର କରନ୍ତୁ ଏବଂ ଗୃହର ମଇଳାକୁ ସଚ୍ଛତା ରଥରେ ଦିଅନ୍ତୁ ଏବଂ ନିଜ ଘରର ୫ ମିଟର ପରିସର ସଫାରଖନ୍ତୁ । ପରିମଳ କର୍ମଚାରୀ ତଥା ସ୍ୱଚ୍ଛସାଥି ଭଉଣୀମାନଙ୍କୁ ସଦା ସର୍ବଦା ସହଯୋଗ କରନ୍ତି ।
୫. ଖୋଲା ସ୍ଥାନରେ ମଳତ୍ୟାଗ କରନ୍ତୁ ନାହିଁ ।
୬. ନିଜ ଗୃହ ପାଇଖାନାର ମଳ Drainକୁ ଛାଡନ୍ତୁ ନାହିଁ ।
୬. ଗାଇ ଗୋରୁ ଓ ଗୃହପଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ ।
୮. ଦିଗପହଣ୍ଡି ସହରର ପ୍ରତ୍ୟେକ ବ୍ୟବସାୟୀଙ୍କୁ ଅନୁରୋଧ ସୁଯୋଗ ପୋର୍ଟାଲ ମାଧ୍ୟମରେ ଆବେଦନ କରି ନିଜର ଟ୍ରେଡଲାଇସେନ୍ସ କରାଇନିଅନ୍ତୁ ।
୯. ଖାଦ୍ୟ ପ୍ରସ୍ତୁତକରି ବିକ୍ରି କରୁଥିବା ସମସ୍ତ ବ୍ୟବସାୟୀ ଖାଦ୍ୟ ଲାଇସେନ୍ସ (Food Licence) ନିଶ୍ଚିନ୍ତ କରନ୍ତୁ । ଏଥିସହ ଜନସାଧାରଣଙ୍କ ନିମନ୍ତେ ଜଳଶୋଧନ ଯନ୍ତ୍ର (Water Purifier) ଦ୍ୱାରା ସଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରନ୍ତୁ, ପ୍ରସ୍ତୁତ ଖାଦ୍ୟରେ କୌଣସି ପ୍ରକାର ରଙ୍ଗ ବ୍ୟବହାର କରନ୍ତୁ ନାହିଁ ।
୧୦. ବୃକ୍ଷରୋପଣ କରନ୍ତି ଏବଂ ଏହାର ସଠିକ ଭାବେ ଯତ୍ନ ନିଅନ୍ତୁ । ସନ୍ଥ, ସବୁଜ ସୁନ୍ଦର ପ୍ରଦୂଷଣମୁକ୍ତ ପରିବେଶ ଭାବେ ସହରକୁ ଗଢି ତୋଳିବାରେ ସହାୟକ ହୁଅନ୍ତୁ ।

**ଆମ ସ୍ୱାଭିମାନ '-ଆମସନ୍ଥ, ସବୁଜ ଏବଂ ସୁନ୍ଦର ସହର "ଦିଗପହଣ୍ଡି"**

ସ୍ୱାକ୍ଷର
**ଶ୍ରୀଯୁକ୍ତ ଅବିନାଶ ମିଶ୍ର**
(ଓ.ଆର.ଏସ.)
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି

ସ୍ୱାକ୍ଷର
**ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା**
ଅଧକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ,
ଦିଗପହଣ୍ଡି

MUNICIPAL COUNCIL KABISURYANAGAR

## ପୌର ପରିଷଦ, କବିସୂର୍ଯ୍ୟନଗର

### ଆପଣଙ୍କ ସେବାରେ କବିସୂର୍ଯ୍ୟନଗର ପୌରପରିଷଦ

୧. ଆପଣଙ୍କ ଗୃହ ଓ ଆଲୁଅ କର ଠିକ୍ ସମୟରେ ପୈଠ କରନ୍ତୁ ।
୨. ରାସ୍ତା ଓ ପରିମଳ ବ୍ୟବସ୍ଥାକୁ ସଚ୍ଛ ରଖିବା ପାଇଁ ଆବର୍ଜନା ଗୁଡ଼ିକ ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ ।
୩. ପରିଷଦର ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ ।
୪. ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ ।
୫. ଯଥା ସମୟରେ ବିବାହ ପଞ୍ଜିକରଣ କରନ୍ତୁ ।
୬. ସହରକୁ ପ୍ରଦୁଷଣରୁ ବଂଚାଇବା ପାଇଁ ବହୁଳ ଭାବେ ବୃକ୍ଷରୋପଣ କରନ୍ତୁ ଓ ପରିଷଦ ଦ୍ୱାରା ଲଗାଯାଇଥିବା ବୃକ୍ଷକୁ ଯତ୍ନ ନିଅନ୍ତୁ ।
୭. ରାସ୍ତା ଅବରୋଧ କର କୌଣସି ବ୍ୟବସାୟ କରନ୍ତୁ ନାହିଁ ।
୮. ନିଜ ନିଜର ଗୃହରୁ ବାହାରୁଥିବା ଅଳିଆ ଆବର୍ଜନାକୁ ନାଳଭିତରେ ନ ପକାଇ ପରିଷଦ ଦ୍ୱାରା କରାଯାଉଥିବା ଭ୍ରାମ୍ୟମାଣ ଗାଡ଼ିରେ ଓ କୃଷ୍ଟବିନରେ ପକାନ୍ତୁ ।
୯. କବିସୂର୍ଯ୍ୟନଗର ପୌର ପରିଷଦ ମଧରେ ଥିବା ଜଳାଶୟଗୁଡ଼ିକୁ ଅପରିଷ୍କାର କରନ୍ତୁ ନାହିଁ ।
୧୦. ସହରର ରାସ୍ତା ଏବଂ ନାଳ ଗୁଡ଼ିକୁ ସଦା ସର୍ବଦା ପରିଷ୍କାର ରଖନ୍ତୁ ।
୧୧. ଜନସାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ପାନୀୟଜଳକୁ ଅପବ୍ୟବହାର କରନ୍ତୁ ନାହିଁ ।
୧୨. ବିଦ୍ଦ୍ୟୁତ୍‌ଶକ୍ତି ଅପଚୟ କରନ୍ତୁ ନାହିଁ।
୧୩. ମିଶନ ରାତ୍ର ସଫେଇକୁ ସଫଳ କରିବାରେ ସହଯୋଗ କରନ୍ତୁ ।
୧୪. ସହରର ସମସ୍ତ ଦୋକାନୀଭାଇମାନେ ନିଜ ଦୋକାନ ଏବଂ ଦୋକାନ ପରିସରର ୫ମିଟର ପରିବେଶର ସଚ୍ଛତା ନିଜେ ଦାୟିତ୍ୱ ନିଅନ୍ତୁ ଓ ସମସ୍ତ ଜନସାଧାରଣ ନିଜ ପରିବେଶ ସଫା ରଖନ୍ତୁ ।



**ଶ୍ରୀ କୃପାସିନ୍ଧୁ ସାଇଁ**
କାର୍ଯ୍ୟନିର୍ବାହୀ ଅଧିକାରୀ



**ଶ୍ରୀବିକ୍ରାନ୍ତ କୁମାର ସାହୁ**
ଭାରପ୍ରାପ୍ତ ଅଧକ୍ଷ

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut** ସଂପାଦକ: ଶରତ ରାଉତ